# ବକେୟା ଦରମା ଦାବିରେ ଗର୍ଜିଲେ ମିଶନଶକ୍ତି ମହିଳା

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ସରକାର ବଦଳିବା ପରେ ମିଶନ ଶକ୍ତି ପ୍ରତି ନୂଆ ସରକାରଙ୍କ ଆଭିମୁଖ୍ୟ ବଦଳି ଯାଇଛି। ଫଳରେ ମାସମାସ ଧରି ଏମାନଙ୍କୁ ଦରମା ପ୍ରଦାନ କରାଯାଉନାହିଁ। ତେଣୁ ବକେୟା ଦରମା ସହ ଅନ୍ୟାନ୍ୟ ୯ଟି ଦାବି ନେଇ ସୋମବାର ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ଜିପିଏଲ୍ଏଫ ମିଶନଶକ୍ତି କର୍ମୀ ସଂଘ ଲୋୟର ପିଏମ୍‌ଜିର ଗାନ୍ଧୀମାର୍ଗରେ ଏକାଠି ହେବା ସହ ସରକାରଙ୍କୁ ନିଜ ଶକ୍ତି ଦେଖାଇ ଚେତାବନୀ ଦେଇଛି। ଏମ୍‌ବିକେ, ବ୍ୟାଙ୍କ ମିତ୍ର, ଏଲ୍ଏସ୍‌ପି, ସିଆର୍‌ପି, କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କୁ କୌଣସି କାରଣ ନ ଥାଇ ନୂଆ ସରକାର ଆସିବା ଦିନରୁ ଦରମା ମିଳୁନାହିଁ। ଉପ ମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇ ଅନ୍ୟ ମହିଳାମାନଙ୍କ ଦୁଃଖ ଶୁଣୁନାହାନ୍ତି। ଓଡ଼ିଶା ପ୍ରଗତି ପଥରେ ଏମାନଙ୍କର ବଡ ଦାୟିତ୍ୱ ରହିଥିଲେ ମଧ୍ୟ ଦରମା ପାଇଁ ଛୋଟ ପିଲାକୁ ଧରି ଧାରଣାକୁ ଆସିବାକୁ ପଡୁଛି ବୋଲି ସଂଘ ସଭାପତି ନିରୁପମା ନାୟକ ଅଭିଯୋଗ କରିଛନ୍ତି। ପୂର୍ବ ନିଷ୍ପତ୍ତି ମୁତାବକ ରାଜ୍ୟ ସରକାର ଶତ ପ୍ରତିଶତ ବ୍ୟୟ ବରାଦ ବହନ କରି ମିଶନ ଶକ୍ତିରେ କାର୍ଯ୍ୟରତ ୬ଟି କ୍ୟାଡରର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ଆଗକୁ ବଢ଼ିବା ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥିସହ ଜିପିଏଲଏଫ କମ୍ୟୁନିଟି କ୍ୟାଡରଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ୫ ବର୍ଷିଆ ପଲିସିରେ ଥିବା ୭୫ ଓ ୫୦ ପ୍ରତିଶତକୁ ଉଚ୍ଛେଦ କରି ଶତପ୍ରତିଶତ ପାରିଶ୍ରମିକ ପ୍ରଦାନ, କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ବକେୟା ପାରିଶ୍ରମିକ ପ୍ରଦାନ ଆଦି ୧୦ଦଫା ଦାବି ନେଇ ରାଜରାସ୍ତାରେ ଗର୍ଜନ କରିଥିଲା ସଂଘ।

## ନୈତିକ ସମର୍ଥନ ଜଣାଇଲେ ବିଜେଡି ନେତା



ମିଶନଶକ୍ତି ମହିଳାଙ୍କ ଆନ୍ଦୋଳନକୁ ନେଇ ସୋମବାର ବିଧାନସଭା ବାହାରେ ଓ ଭିତରେ ବି ତାତି ଦେଖିବାକୁ ମିଳିଥିଲା। ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, କଟକ ମେୟର ସୁବାସ ସିଂ ଏବଂ ଅନ୍ୟ ବିଜେଡି ନେତାମାନେ ଧାରଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ଭେଟି ନୈତିକ ସମର୍ଥନ ଦେଇଥିଲେ। ଲୋକଙ୍କ ସରକାର ଲୋକଙ୍କ ପାଖକୁ ଯିବା କଥା, ମାତ୍ର ସରକାରଙ୍କ ପାଖକୁ ଲୋକେ ଆସୁଛନ୍ତି। ମହିଳାଙ୍କୁ ରୋଜଗାର ଓ ସ୍ୱାବଲମ୍ବୀ କରିବା କଥା କହି ଦଳ ସରକାରକୁ ଆସିଲା, ମାତ୍ର ଏବେ ଭାଜପା ସେମାନଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ନବୀନ ସରକାରରେ ମିଶନଶକ୍ତି ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇଥିବାବେଳେ ଭାଜପା ସରକାର ଏମାନଙ୍କୁ ହତାଦର କରିବା ଯୋଗୁ ଗାଁ ଗଣ୍ଡାରେ ମହିଳାମାନେ ସରକାରଙ୍କ ବିରୋଧରେ ତେଜିଲେଣି ବୋଲି ସେମାନେ କହିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ମନ୍ତ୍ରୀ ପ୍ରଭାତି ପରିଡାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।



୭ଦଫା ଦାବି ନେଇ ଓଡ଼ିଶା ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

# 'ଭାରତ ଓ ଏହାର ପଡ଼ୋଶୀ ଦେଶମାନଙ୍କ ବିକାଶ ପଥ' ଆଲୋଚନାଚକ୍ର

ବାରଙ୍ଗ/ତ୍ରିଶୂଳିଆ, ୯।୧୨ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ସ୍ଥାନୀୟ କୁଞ୍ଜବିହାରୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଦ୍ୱାରା 'ଭାରତ ଓ ଏହାର ପଡ଼ୋଶୀ ଦେଶମାନଙ୍କର ବିକାଶ ପଥ' ଉପରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଡ. ମାନସ ରଞ୍ଜନ ଦାଶ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରରେ ଭୁବନେଶ୍ୱର ନାଇଜର ଅର୍ଥନୀତି ବିଭାଗ ବରିଷ୍ଠ ପ୍ରଫେସର ଡ. ଅମରେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଭାରତର ଅର୍ଥନୈତିକ ପ୍ରଗତି ଓ ଏହାର ପ୍ରଗତି ପଥ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଭିନ୍ନ ପ୍ରଗତିମୂଳକ ବିଷୟ ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଣୟିନୀ ମିଶ୍ର ଓ ଛାତ୍ରୀଛାତ୍ର ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଅନିଲ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ସନ୍ତୋଷ ମିଶ୍ର ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ୟୁନିଭର୍ସିଟି ହାଇସ୍କୁଲର ହୀରକ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ




ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୯।୧୨ (ସୁଚିସ୍ମିତା ସାହୁ)

ୟୁନିଭର୍ସିଟି ହାଇସ୍କୁଲ ବାଣୀବିହାରର ହୀରକ ଜୟନ୍ତୀ ସମାରୋହ ଆସନ୍ତା ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ସୋମବାର ହୀରକ ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସଙ୍ଗଠନ ସଭାପତି ଦୀପକ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନର କମକର୍ତ୍ତା ଓ କର୍ମଚାରୀଙ୍କର ବିଦ୍ୟାଳୟ ପ୍ରତି ଥିବା ଉତ୍ତମ ମନୋଭାବକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ଗୌତମ ପ୍ରଧାନ ଏବଂ ବଜେଟ ଅଫିସର ସତ୍ୟପ୍ରିୟା ମାରାଣ୍ଡି ଯୋଗଦେଇ ସ୍କୁଲର ଉତ୍ତମ ପରିବେଶ ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ କହିଥିଲେ। ଏଥିସହ ୟୁନିଭର୍ସିଟି ହାଇସ୍କୁଲ ପୁରାତନ ଛାତ୍ର ସଙ୍ଗଠନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପସଭାପତି ସନ୍ତୋଷ କୁମାର ମହାପାତ୍ର ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ହୀରକ ଜୟନ୍ତୀ ସମାରୋହରେ ବିଦ୍ୟାଳୟର ପୁରାତନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ଆନ୍ତଃବିଦ୍ୟାଳୟ ମେଧା ଅନ୍ୱେଷଣ ପ୍ରତିଯୋଗିତା, ବିଜ୍ଞାନ ମେଳା, ମଶାଲ ରାଲି, ସାଇକେଲ ରାଲି ଆଦି କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ଧଉଳି ଅଞ୍ଚଳରୁ ପୁଣି ଏକ ଆପାର୍ଟମେଣ୍ଟରୁ ଚୋରି

ଭୁବନେଶ୍ୱର, ୯।୧୨ (ସୂର୍ଯ୍ୟକାନ୍ତ ବେହେରା)

ଗତ କିଛି ଦିନ ହେବ ଭୁବନେଶ୍ୱର ଓ ଏହାର ଉପକଣ୍ଠରେ ଥିବା ଆପାର୍ଟମେଣ୍ଟରୁ ଲଗାତାର ଭାବେ ଚୋରି ହେଉଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ଧରି ପାରୁନାହିଁ। ଧଉଳି, ବାଲିଅନ୍ତା, ପାହାଳ ପରେ ପୁଣି ଏବେ ଧଉଳି ଥାନା ଅନ୍ତର୍ଗତ ବାପୁଜୀ ହାଇଟ୍ସ ଆପାର୍ଟମେଣ୍ଟର ୩୦୪ ନମ୍ବର ଫ୍ଲାଟରେ ଦୁର୍ବୃତ୍ତ ଚୋରି କରି ଫେରାର ହୋଇଯାଇଛନ୍ତି। ଆପାର୍ଟମେଣ୍ଟ ମାଲିକ ବାଳକୃଷ୍ଣ ପାଣିଗ୍ରାହୀ କୌଣସି କାମରେ ଭବାନୀପାଟଣା ଯାଇଥିବାବେଳେ ଦୁର୍ବୃତ୍ତମାନେ ଘର ଗ୍ରିଲ ତାଲା ଏବଂ କବାଟ କବଜା କାଟି ଭିତରେ ପ୍ରବେଶ ପରେ ଆଲମିରା ତାଡ଼ି ୧୦୦ ଗ୍ରାମ ସୁନା ଓ ନଗଦ ୪୦ ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ବାଳକୃଷ୍ଣ ସୋମବାର ସକାଳେ ଘରକୁ ଆସିବା ପରେ ଘଟଣା ସଂକ୍ରାନ୍ତରେ ଜାଣିପାରି ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଆପାର୍ଟମେଣ୍ଟ ପାଚେରିରେ ଗୁଡ଼ା ଯାଇଥିବା ତାର କାଟି ୪ଜଣ ଲୁଟେରା ଭିତରକୁ ପ୍ରବେଶ କରୁଥିବା ସିସିଟିଭି ଫୁଟେଜରେ ଜଣାପଡ଼ିଛି। ଖବର ପାଇ ଘଟଣା ସ୍ଥଳରେ ସ୍ଥାନୀୟ ଧଉଳି ଥାନା ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା ଜାରି ରଖିଛନ୍ତି।

# ଜନଶୁଣାଣି ଶିବିରରେ ୧୩୬ ଅଭିଯୋଗ



ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଜଟଣୀ/ଝାଁଳା, ୯।୧୨ (ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୧୩୬ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ସେଥିରୁ ୧୦୯ଟି ବ୍ୟକ୍ତିଗତ ରହିଥିବାବେଳେ ଗ୍ରାମ ସମସ୍ୟା ୨୬ଟି ଅଭିଯୋଗ ରହିଥିଲା। ସେହିପରି ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ତଦନ୍ତ କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଭୁବନେଶ୍ୱର ଡ.ମନୋରଞ୍ଜନ ସାହୁ, ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସହରାଞ୍ଚଳରେ ସ୍ୱାସ୍ଥ୍ୟ ନିରାପତ୍ତାକୁ ଗୁରୁତ୍ୱ

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ଆଇଇସି/ବିସିସି ଗତିଶୀଳତା ନେଇ ଅର୍ବାନ ମେଟ୍ରୋପଲିଟାନ ସର୍ଭିଲାନ୍ସ ୟୁନିଟ୍ କନ୍‌ଫରେନ୍ସ ହଲ୍‌ରେ ସୋମବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସହରାଞ୍ଚଳରେ ସହରାଞ୍ଚଳରେ ସ୍ୱାସ୍ଥ୍ୟ ନିରପତ୍ତାକୁ ଗୁରୁତ୍ୱ ଦିଆଯାଇ ବିଶେଷକରି ଜଳବାହିତ ରୋଗ, ବାହାକଜନିତ ରୋଗ, ସୁରକ୍ଷିତ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ଉପରେ ଆଲୋଚନା କରାଯାଇଥିଲା। ନିଜେ ସୁସ୍ଥ ରହିବା ସହ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା, ବାହାରେ ଖୋଲା ରହିଥିବା ଖାଦ୍ୟ ନ ଖାଇବା, ଠିକ୍ ସମୟରେ ଖାଦ୍ୟ ଖାଇବା ଭଳି ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତଥା ୟୁଏମ୍ଏସ୍‌ୟୁ ନୋଡାଲ ଅଫିସର, କନ୍‌ସଲଟାଣ୍ଟ ଏନ୍‌ୟୁଏଚ୍ଏମ୍, ଡିପିଏଚ୍‌ଓ, ଏଡିପିଏଚଓ ଡିସି ଖୋର୍ଦ୍ଧା, ଏଡିୟୁଏଚ୍, ଏଡି ଏମ୍ଏଚ୍, ଜେଡିଆଇଡିଏସ୍‌ପି, ସିନିୟର କନ୍‌ସଲଟାଣ୍ଟ ଏନ୍‌ୟୁଏଚ୍ଏମ୍, ନୋଡାଲ ଅଫିସର ସ୍ନେକ ବାଇଟ୍ ଆଣ୍ଡ ଏନ୍ଆର୍‌ସିପି, ଅତିରିକ୍ତ ନିର୍ଦ୍ଦେଶକ ଏନ୍‌ସିଡି, ସିପିଏମ୍ ଭୁବନେଶ୍ୱର, ମେଣ୍ଟାଲ ହେଲ୍‌ଥ କନ୍‌ସଲଟାଣ୍ଟ ପ୍ରମୁଖ ଅଧିକାରୀ ଯୋଗଦେଇଥିଲେ।

# ୧୫ରେ ସୈନିକ ସ୍କୁଲ ଓଏମ୍‌ସି ମିନି ମାରାଥନ

ଭୁବନେଶ୍ୱର, ୯।୧୨ (ସୁଚିସ୍ମିତା ସାହୁ)

ସୈନିକ ସ୍କୁଲ ଏବଂ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ଅଷ୍ଟମ ମିନି ମାରାଥନ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ସ୍କୁଲର ୬୦୦ କ୍ୟାଡେଟ, ୨ଶହ ପୁରାତନ ଛାତ୍ର, ୪ଶହରୁ ଊର୍ଦ୍ଧ୍ୱ ସହୋଦୟ ସ୍କୁଲ ଏବଂ ସରକାରୀ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସକାଳ ୫ଟା ୩୦ରେ ସୈନିକ ସ୍କୁଲ ପରିସର ଗାନ୍ଧୀ ମିନି ଷ୍ଟାଡ଼ିୟମରୁ ଏହି ମାରାଥନ ଆରମ୍ଭ ହେବ। ସିନିୟର ବିଭାଗରେ ପ୍ରତିଯୋଗୀମାନେ ଦୌଡ଼ ଆରମ୍ଭ କରି ସୈନିକ ସ୍କୁଲ ମୁଖ୍ୟ ଗେଟ୍, ମଞ୍ଚେଶ୍ୱର ରାସ୍ତା, ଓମ୍‌ଫେଡ ଛକ, ନାଲ୍‌କୋ–କଳିଙ୍ଗ ହସ୍ପିଟାଲ ଛକ, ଜୟଦେବ ବିହାର ଛକ, ଆଚାର୍ଯ୍ୟବିହାର ଛକ, ସୈନିକ ସ୍କୁଲ ଛକ ଦେଇ ୧୦ କିମି ପଥ ଅତିକ୍ରମ କରି ପୁଣି ଗାନ୍ଧୀ ଷ୍ଟାଡ଼ିୟମରେ ପହଞ୍ଚିବେ। ସେହିପରି ଜୁନିୟର ବିଭାଗରେ ପ୍ରତିଯୋଗୀମାନେ ସୈନିକ ସ୍କୁଲରୁ ବାହାରି ମଞ୍ଚେଶ୍ୱର ରାସ୍ତା, ଓମ୍‌ଫେଡ଼ ଛକ, ନାଲ୍‌କୋ–କଳିଙ୍ଗ ହସପିଟାଲ ଛକ, ଗଜପତି ନଗର ରାସ୍ତା ଦେଇ ସୈନିକ ସ୍କୁଲ ଗାନ୍ଧୀ ଷ୍ଟାଡ଼ିୟମଠାରେ ପହଞ୍ଚିବେ। ଭାରତୀୟ ନୌସେନା ସେବାର ଡେପୁଟି ଡାଇରେକ୍ଟର ଜେନେରାଲ କମୋଡର ମହେଶ ରହଙ୍ଗଡାଲେ, ସୈନିକ ସ୍କୁଲ ପ୍ରିନ୍ସିପାଲ କର୍ଣ୍ଣଲ ବାଲୁଭରତ, ସୈନିକ ସ୍କୁଲ ପୁରାତନ ଛାତ୍ର ସଂଘ ସଭାପତି ମଧୁସୂଦନ ପାଢ଼ୀ, ଦୌଡ଼ ପ୍ରତିଯୋଗିତାର ସଂଯୋଜକ ଅମିତାଭ ସ୍ୱାଇଁ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିବେ। ଦୌଡ଼ ପ୍ରତିଯୋଗିତା ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ନବମରୁ ଦ୍ୱାଦଶ, ବାଳିକା ବିଭାଗ, ପୁରାତନ ଛାତ୍ର ବିଭାଗରେ ଉଦ୍ଦିଷ୍ଟ ରହିବ। ଶେଷରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ଆଦିତ୍ୟ ଗ୍ରୁପ୍‌ର ପ୍ରତିଷ୍ଠା ଉତ୍ସବ 'ଅତୁଲ୍ୟମ୍'

ଭୁବନେଶ୍ୱର, ୯।୧୨ (ଅନୁରାଧା ମହାରଣା)

ଆଦିତ୍ୟ ଗ୍ରୁପ୍‌ର ୨୧ତମ ପ୍ରତିଷ୍ଠା ଦିବସ ଅବସରରେ ହାଇୱେ ହୋଣ୍ଡା ପରିସରରେ 'ଅତୁଲ୍ୟମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟ ଗ୍ରୁପ୍ ଅଧ୍ୟକ୍ଷ ପଦ୍ମଚରଣ ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ୱାକାଥନରେ ୪୦୦ ସ୍ୱେଚ୍ଛାସେବୀ ସାମିଲ ହୋଇ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା, କ୍ରୀଡ଼ା ଉତ୍ସବ ଆଦିର ଆୟୋଜନ କରାଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର ପୁରସ୍କୃତ କରିଥିଲେ। ଉତ୍ସବରେ ନିର୍ଦ୍ଦେଶିକା ପ୍ରିୟମ୍ବଦା ପାତ୍ର ଓ ସତ୍ୟଭାମା ପାତ୍ରଙ୍କ ସମେତ ଆଦିତ୍ୟ ହୁଣ୍ଡାଇର ଉପସଭାପତି ରାଜୀବ ପଣ୍ଡା, ଆଦିତ୍ୟ ମୋଟର୍ସର ମନୋଜ କୁମାର ରଥ, ହାଇୱେ ହୋଣ୍ଡାର ଅଜିତ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଏହି ଗ୍ରୁପ୍ ଅଟୋମୋବାଇଲ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ହାଇୱେ ହୋଣ୍ଡା, ଆଦିତ୍ୟ ମୋଟର୍ସ(ମହିନ୍ଦ୍ରା) ଏବଂ ଆଦିତ୍ୟ ହୁଣ୍ଡାଇ ସମେତ ପେଟ୍ରୋଲିୟମ୍ ଡିଲରସିପ୍ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଛି। ଗ୍ରାହକ ସନ୍ତୁଷ୍ଟିକୁ ଅନୁଷ୍ଠାନ ସବୁବେଳେ ଗୁରୁତ୍ୱ ଦେଉଥିବା ପ୍ରତିବର୍ଷ ବ୍ୟବସାୟ କ୍ଷେତ୍ରରେ ଆଗକୁ ବଢ଼ିଚାଲିଛି। କେବଳ ବ୍ୟବସାୟ ନୁହେଁ, ସିଏସ୍ଆର୍ କାର୍ଯ୍ୟ ମାଧ୍ୟମରେ ଲୋକଙ୍କ ସହ ଯୋଡି ହୋଇ ରହିଛି। ରେଡ୍‌କ୍ରସ୍ ସୋସାଇଟି ସହଯୋଗରେ ରକ୍ତଦାନ ଶିବିରର ଆୟୋଜନ କରି ୩୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସେହିପରି ସାମାଜିକ ସୁରକ୍ଷାରୁ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଅନୁଷ୍ଠାନ ପଦକ୍ଷେପ ଗ୍ରହଣ କରିଛି। ୧୧ଟି ଅନାଥାଶ୍ରମର ୬୦୮ଜଣ ଶିଶୁଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେଉଥିବା ସୂଚନା ଦିଆଯାଇଛି।



ଆଦିତ୍ୟ ଗ୍ରୁପ୍‌ର ପ୍ରତିଷ୍ଠା ଉତ୍ସବରେ ଆଦିତ୍ୟ ଗ୍ରୁପ୍ ଅଧ୍ୟକ୍ଷ ପଦ୍ମଚରଣ ପାତ୍ର ଓ ଅନ୍ୟମାନେ।

# ସାଲିଆ ସାହିରେ ପୁଣି ଦେଶୀ ମଦ ପ୍ରସ୍ତୁତି, ମହିଳାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର, ୯।୧୨ (ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱର ସାଲିଆ ସାହିରେ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଦେଶୀ ମଦ ପ୍ରସ୍ତୁତି କାରବାର ବନ୍ଦ ହେବାର ନା ଧରୁନି। ଅବକାରୀ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ୮୧୦ ଲିଟର ଦେଶୀ ମଦ, ୨୦୪୦ ପାଉଚ ଏବଂ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀ ଜବତ ହୋଇଛି। ଏହାସହ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତଦ୍ୱୟ ବେଆଇନ ଭାବେ ଏହି କାରବାର କରୁଥିବା ଅଭିଯୋଗରେ ଅବକାରୀ ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କିଟ୍ ବିଦ୍ୟାଳୟରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୯।୧୨ (ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ଯୋଗଦେଇଥିବାବେଳେ ସେମାନଙ୍କୁ ପରିବେଶ ସୁରକ୍ଷା ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ପରିବେଶ ବନ୍ଧୁ ଓଡ଼ିଶା ଓ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ତଥା ପରିବେଶ ବନ୍ଧୁ ଓଡ଼ିଶା ସଙ୍ଗଠନର ସଭାପତି ଡ. ଚିତ୍ତ ରଞ୍ଜନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିବେଶ ବନ୍ଧୁ ସଙ୍ଗଠନର କାର୍ଯ୍ୟକ୍ରମ ସଂଯୋଜକ ଇଂ. ହେମନ୍ତ ଜେନା ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ କିପରି ପ୍ରଭାବିତ ହୋଇ ମାଟି, ପାଣି ଓ ପବନ ନଷ୍ଟ ହେଉଛି, ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଅବସରପ୍ରାପ୍ତ ଭାରତୀୟ ଜନସେବା ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ବୃକ୍ଷ ସମ୍ପଦ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ମଧ୍ୟ ଆଲୋକପାତ କରିଥିଲେ। ପରିବେଶ ବନ୍ଧୁ ଓଡ଼ିଶାର ସଂଯୋଜକ ତଥା ରାଜ୍ୟ ସରକାରଙ୍କ ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ନିଧି କୁମାର ରାଉତରାୟ ପରିବେଶ ସୁରକ୍ଷା ବିଷୟରେ ବର୍ତ୍ତମାନ ପିଢ଼ିର କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ କୃଷ୍ଣ ନାୟକ ଜନଜୀବନ ଓ ପ୍ରାଣୀଜଗତର ସୁରକ୍ଷା ପାଇଁ ପରିବେଶର ସୁରକ୍ଷା ଜରୁରୀ ବୋଲି କହିଥିଲେ। ପରିବେଶ ବନ୍ଧୁ ଅନୁଷ୍ଠାନର ଉପସଭାପତି ଦେବାନନ୍ଦ ସାମଲ ସ୍ୱରଚିତ କବିତା ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଉଦୟ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।




କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଲଟେରି ଜରିଆରେ ଆବଣ୍ଟିତ ହେଲା ୫୮ କିଓସ୍କ, କ୍ୟାନୋପି

## ଘାଟିକିଆ ବିଏମ୍‌ସି ବଜାର

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ୱାର୍ଡ ନଂ. ୨୩ ଅନ୍ତର୍ଗତ ଘାଟିକିଆସ୍ଥିତ ବିଏମ୍‌ସି ବଜାର ପାଇଁ ହିତାଧିକାରୀ ଚୟନ ହୋଇଛନ୍ତି। ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ଲଟେରି ମାଧ୍ୟମରେ ହିତାଧିକାରୀଙ୍କୁ ୫୮ଟି କିଓସ୍କ ଓ କ୍ୟାନୋପି ବଣ୍ଟନ କରାଯାଇଛି। ଏହି ଭେଣ୍ଡିଂ ଜୋନ୍‌ରେ ମୋଟ ୨୨ଟି କିଓସ୍କ ଓ ୪୦ଟି କ୍ୟାନୋପି ନିର୍ମାଣ କରାଯାଇଥିଲା। ଏହି ଲଟେରିରେ ଘାଟିକିଆ ତଥା ଆଖପାଖ ଅଞ୍ଚଳରେ ପୂର୍ବରୁ ଉଚ୍ଛେଦ କରାଯାଇଥିବା ଉଠା ଦୋକାନୀ ସାମିଲ ହୋଇଥିଲେ। ପୂର୍ବ ତାଲିକା ଅନୁଯାୟୀ ଜଣକ ପରେ ଜଣେ ହିତାଧିକାରୀଙ୍କୁ ଡକାଯାଇଥିଲା। ସେମାନେ ନିଜ ନିଜର ଲଟେରି ଉଠାଇ କିଓସ୍କ ଓ କ୍ୟାନୋପି ନମ୍ବର ଚୟନ କରିବା ପରେ ସମ୍ପୃକ୍ତ କିଓସ୍କ ସେମାନଙ୍କୁ ପ୍ରଦାନ କରାଯାଇଥିଲା। ମୋଟ୍ ୪୦ଟି କ୍ୟାନୋପି ମଧ୍ୟରୁ ୩୮ଟି ବଣ୍ଟନ କରାଯାଇଛି। ସେହିପରି ୨୨ଟି କିଓସ୍କ ମଧ୍ୟରୁ ୨ଟି ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷଣ ରହିଥିବାବେଳେ ଅବଶିଷ୍ଟ ୨୦ଟି ବଣ୍ଟନ କରାଯାଇଛି। ତେବେ ୪ଜଣ ହିତାଧିକାରୀ ଅନୁପସ୍ଥିତ ରହି ଥିବାରୁ ପରବର୍ତ୍ତୀ ସମୟରେ ସେମାନଙ୍କୁ କିଓସ୍କ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ମେୟର ସୁଲୋଚନା ଦାସ ଏଥିରେ ଅଧ୍ୟକ୍ଷତା କରି ଭେଣ୍ଡିଂ ଜୋନ୍‌ରେ କିଓସ୍କ କିମ୍ବା କ୍ୟାନୋପି ପାଇଥିବା ହିତାଧିକାରୀମାନେ ଚୁକ୍ତିପତ୍ର ସ୍ୱାକ୍ଷରିତ କରି ସେମାନଙ୍କର ଦୋକାନ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଭେଣ୍ଡିଂ ଜୋନ୍‌କୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ କୌଣସି କିଓସ୍କ ବା କ୍ୟାନୋପିକୁ କେହି ଭଡା ଦେଇପାରିବେ ନାହିଁ ବୋଲି କହିଥିଲେ। କମିଶନର ରାଜେଶ ପ୍ରଭାକର ପାଟିଲ କହିଲେ, ସରକାରୀ ନିୟମ ଅନୁସାରେ କିଓସ୍କ ଏବଂ କ୍ୟାନୋପି ବଣ୍ଟନ ହୋଇଛି। ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ଅଞ୍ଚଳରେ ୨୦୦୦ରୁ ଅଧିକ କିଓସ୍କ ଆବଣ୍ଟିତ ହୋଇ ସାରିଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା, ସ୍ଥାନୀୟ କର୍ପୋରେଟର କିରଣବାଳା ମାଝି, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାଶ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଘାଟିକିଆ ବିଏମ୍‌ସି ବଜାରରେ ଦୋକାନ ଘର ଆବଣ୍ଟନ ଲାଗି ଲଟେରି ଉଠାଣ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

## ସଂକ୍ଷେପରେ

### ଶୈଳବାଳା ଓ ଶମ୍ଭୁଦୟାଲ ପାଇବେ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର

କଟକ,୯।୧୨(କାର୍ତ୍ତିକ ସାହୁ)

ପ୍ରସିଦ୍ଧ ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ କନ୍ୟା ସ୍ୱର୍ଗତା ଶୈଳବାଳା ମହାପାତ୍ର ଓ ଭୁବନେଶ୍ୱର ଫୁଲେଶ୍ୱରୀ ବିହାର ନିବାସୀ ଡ. ଶମ୍ଭୁଦୟାଲ ଅଗ୍ରୱାଲଙ୍କୁ ଚଳିତ ବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ଦିଆଯିବ। ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ସୋମବାର ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।

ସ୍ମୃତି ନ୍ୟାସର ଆବାହକ ଦୀପକ କୁମାର ମହାନ୍ତି ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଆସନ୍ତା ୧୪ ତାରିଖରେ ଶ୍ରୀରାମଚନ୍ଦ୍ର ଭବନଠାରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ମଦନମୋହନ ଦାସ ଓ ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର ତଥା ମୁଖ୍ୟ ଯତୀନ୍ଦ୍ର କୁମାର ନାୟକ ଯୋଗଦେବେ। ଉଲ୍ଲେଖ ଯୋଗ୍ୟ ଯେ, ପ୍ରୁଫ-ସଂଶୋଧନର ଗୁରୁତ୍ୱକୁ ସମାଜ ଆଗରେ ଉପସ୍ଥାପନ କରିବା ସହ ପ୍ରୁଫ-ସଂଶୋଧକମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ପ୍ରତିବର୍ଷ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ-ସଂଶୋଧକଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯିବାକୁ ଗତ ଫେବ୍ରୁଆରି ମାସରେ ଘୋଷଣା କରାଯାଇଥିଲା।

### କଟକ ମହାନଗର ଶାନ୍ତି କମିଟି ବୈଠକ
## ୨୨ରେ ହେବ କର୍ମକର୍ତ୍ତାଙ୍କ ନିର୍ବାଚନ

କଟକ, ୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଶାନ୍ତି କମିଟିର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୨ ତାରିଖରେ ହେବ। ଏନେଇ ସୋମବାର ଦରଘାବଜାରସ୍ଥିତ କାର୍ଯ୍ୟାଳୟଠାରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସାଧାରଣ ସମ୍ପାଦକ ଭିକାରୀ ଦାସ କମିଟିର କର୍ମକର୍ତ୍ତାଙ୍କ ପାଞ୍ଚ ବର୍ଷର କାର୍ଯ୍ୟକାଳ ଶେଷ ହେଉଥିବାରୁ ନୂତନ କର୍ମକର୍ତ୍ତା ନିର୍ବାଚନ ନେଇ ସୂଚନା ପ୍ରଦାନ କରିଥିଲେ। ଏହି ନିର୍ବାଚନକୁ ପରିଚାଳନା କରିବା ପାଇଁ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଥିବାବେଳେ ସର୍ବସମ୍ମତକ୍ରମେ ଏହି ପ୍ରସ୍ତାବ ଗ୍ରହଣ କରାଯାଇଛି। ୨୦୨୩-୨୪ର ଆୟବ୍ୟୟ ହିସାବ ବୈଠକରେ ଉପସ୍ଥାପନ କରାଯାଇଥିଲା। ଶେଷରେ କମିଟିର ଉପସଭାପତି ଦେବେନ୍ଦ୍ର କାହାଳୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ସିହ୍ନା, ନୃସିଂହଚରଣ ଚୌଧୁରୀ, ଜ୍ୟୋତିପ୍ରକାଶ ଘୋଷ, ମନୋରଞ୍ଜନ ସାହୁ, ବିଜୟ କୁମାର ନାୟକ, ନରେଶଚନ୍ଦ୍ର ସାହୁ, ତାପସ କୁମାର ପ୍ରହରାଜ, ଧର୍ମେଶ ନାୟକ, ନଳିନୀକୁମାର ସେନାପତି, ରବୀନ୍ଦ୍ର କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଆଡ୍‌ଭୋକେଟ କମିଟି

କଟକ,୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

### ବାକି ଥିବା କାମକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)କୁ ଆଡ୍‌ଭୋକେଟ କମିଟି ପରିଦର୍ଶନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଜୀବୀ ତଥା ବାର ସଭାପତି ବିଜୟ ଦାସଙ୍କ ନେତୃତ୍ୱରେ ପୂର୍ବରୁ ହସ୍ତଗତ ହୋଇଥିବା ୧୦ରୁ ଅଧିକ ଅଭିଯୋଗ ଆଧାରରେ ମେଡିକାଲ କର୍ତ୍ତୃପକ୍ଷ, ସିଏମ୍‌ସି ଓ ଜିଲା ପ୍ରଶାସନର ଅଧିକାରୀଙ୍କ ସହ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରେ ଥିବା ସମ୍ମିଳନୀକକ୍ଷରେ ଆଲୋଚନା କରିଥିଲେ। ପୂର୍ବରୁ ପରିଦର୍ଶନ ସମୟରେ କମିଟି ଯେଉଁ ସବୁ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ସମସ୍ତ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଏହାସହ ମେଡିକାଲ ପରିସରରେ ଆଲୋକୀକରଣ, ରାସ୍ତା ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା, ଶୌଚାଳୟ ମରାମତି, ଏସି ଓ ଫ୍ୟାନ୍ ମରାମତି, ପାନୀୟ ଜଳ ଯୋଗାଣ, ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ପାସ୍ ଯୋଗାଣ, ଜଳବନ୍ଦୀ ସମସ୍ୟାର ସମାଧାନ ଆଦି କ୍ଷେତ୍ରରେ କମିଟି ସନ୍ତୋଷ ପ୍ରକାଶ କରିଥିଲା। ସେହିପରି ରୋଗୀଙ୍କ ସମ୍ପର୍କୀୟ ଅପେକ୍ଷା କରିବା ନିମନ୍ତେ ଅପେକ୍ଷାଗୃହ ନିର୍ମାଣ, ଦ୍ୱିତୀୟ ଆହାର କେନ୍ଦ୍ର ଖୋଲିବା ନିମନ୍ତେ କମିଟି ସଦସ୍ୟ ପରାମର୍ଶ ଦେଇଥିଲେ। ଏହାସହ କମିଟି କାର୍ଡିଓଲୋଜି ବିଭାଗ, ଶବ ବ୍ୟବଚ୍ଛେଦ ଗୃହ ସମେତ ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ କରିବା ସହ ମେଡିକାଲରେ ତ୍ୱରିତ ଆମ୍ବୁଲାନ୍ସ ଯାତାୟତ ପାଇଁ ପ୍ରବେଶ ପଥକୁ ଜବରଦଖଲ ମୁକ୍ତ କରିବା ନେଇ କମିଟି କ୍ଷେତ୍ର ପରିଦର୍ଶନ କରି ଦୋକାନୀ ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସହ ଆଲୋଚନା କରିଥିଲେ। ଏନେଇ କମିଟି ସଦସ୍ୟ ତଥା ଆଇନଜୀବୀ ସରୋଜ କୁମାର ପାଢ଼ୀ କହିଛନ୍ତି, ଗତ ସମୀକ୍ଷା ସମୟରେ ଯେଉଁ ରିପୋର୍ଟ ହସ୍ତଗତ ହୋଇଥିଲା ତାହାର ତଥ୍ୟ ହାଇକୋର୍ଟଙ୍କୁ ଦିଆଯାଇଥିଲା। ପୂର୍ବରୁ ଯାଞ୍ଚ କରିଥିବା ପ୍ରାୟତଃ କାମ ଶେଷ ହୋଇଛି ଏବଂ ବାକି ରହିଥିବା କିଛି କାମକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବାକି ରହିଯାଇଥିବା କିଛି ୱାର୍ଡ ଓ ଅନ୍ୟାନ୍ୟ ବିଭାଗର ସମୀକ୍ଷା ରିପୋର୍ଟ ସଂଗ୍ରହ କରାଯାଇ ହାଇକୋର୍ଟଙ୍କ ନିକଟରେ ପ୍ରଦାନ କରାଯିବ ବୋଲି ପାଢ଼ୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ଶ୍ରୀଜିତ ମହାନ୍ତି, ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ଅତିରିକ୍ତ ଅଧିକ୍ଷକ ଡା. ମନୋଜ କୁମାର ପଟ୍ଟନାୟକ, କୁଳସଚିବ ଡ. ଅବିନାଶ ରାଉତ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ସିଏମ୍‌ସି ଅତିରିକ୍ତ କମିଶନର କଳ୍ପତରୁ ବେହେରା, ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



କଟକସ୍ଥିତ ଶାରଳା ଭବନରେ ସୋମବାର ଅନ୍ତର୍ଜାତୀୟ ମାନବ ମାନବାଧିକାର ସୁରକ୍ଷା ଦିବସ ପାଳନ ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

## କଣ୍ଟାବାଞ୍ଜି ନିର୍ବାଚନ ମାମଲା ଖାରଜ ପାଇଁ ଆବେଦନ

କଟକ,୯।୧୨(କାର୍ତ୍ତିକ ସାହୁ)

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ଅନିୟମିତତା ସମ୍ପର୍କିତ ମାମଲାର ଶୁଣାଣି ହାଇକୋର୍ଟରେ ସୋମବାର ହୋଇଛି। ଭୋଟର ଗିରିରାଜ ସିଂ ମାଝୀଙ୍କ ପକ୍ଷରୁ ରୁଜୁ ନିର୍ବାଚନୀ ମାମଲାକୁ ଖାରଜ କରିବାକୁ ବିଧାୟକ ଲକ୍ଷ୍ମଣ ବାଗ୍ ହାଇକୋର୍ଟରେ ଆବେଦନ କରିଛନ୍ତି। ପ୍ରତିପକ୍ଷ ଲକ୍ଷ୍ମଣ ବାଗ୍ ଏକ ଇଣ୍ଟରିମ୍ ଆପ୍ଲିକେଶନ(ଆଇଏ) ଫାଇଲ୍ କରି ଆବେଦନକାରୀଙ୍କ ମାମଲାକୁ ଖାରଜ କରିବା ପାଇଁ ଅଦାଲତଙ୍କୁ ଦର୍ଶାଇଛନ୍ତି। ହାଇକୋର୍ଟର ବିଚାରପତି ଏ.ସି. ବେହେରାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସନ୍ତା ଜାନୁଆରୀ ୧୭ତାରିଖରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନରେ ବିଧାୟକ ବାଗ୍ ଏହି ନିର୍ବାଚନ ମଣ୍ଡଳୀରୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ବାଗ୍ ୯୦,୮୭୬ ଖଣ୍ଡ ଭୋଟ ପାଇଥିବା ବେଳେ ପଟ୍ଟନାୟକ ୭୪,୫୩୨ ଖଣ୍ଡ ଭୋଟ ପାଇଥିଲେ। ତେବେ ବାଗ୍ ଏହି ନିର୍ବାଚନରେ ଅନିୟମିତତା କରିଛନ୍ତି ବୋଲି ଦର୍ଶାଇ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ଗିରିରାଜ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି।

## 'କମ୍ପ୍ୟୁଟର ପ୍ରୋଗ୍ରାମିଂର ବିଶ୍ୱବ୍ୟାପୀ ଆବଶ୍ୟକତା ରହିଛି'



କଟକ,୯।୧୨(କାର୍ତ୍ତିକ ସାହୁ)

### ଡ୍ରିମ୍ସରେ ରାଜ୍ୟସ୍ତରୀୟ କର୍ମଶାଳା

ଡ୍ରିମ୍‌ସ ସ୍କୁଲ ଅଫ୍ ପ୍ରଫେସନାଲ ଷ୍ଟଡିଜ୍ ଆନୁକୂଲ୍ୟରେ କମ୍ପ୍ୟୁଟର ପ୍ରୋଗ୍ରାମିଂ ଉପରେ ରାଜ୍ୟସ୍ତରୀୟ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ରାଣୀଦେବୀ ଅଡିଟୋରିୟମ୍‌ଠାରେ ସପ୍ତାହବ୍ୟାପୀ ହେବାକୁ ଥିବା କର୍ମଶାଳାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର କମ୍ପ୍ୟୁଟର ଇଂଜିନିୟରିଂ ବିଭାଗର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଗବେଷକମାନେ ଅଂଶ ଗ୍ରହଣ କରିଛନ୍ତି। କମ୍ପ୍ୟୁଟର ପ୍ରୋଗ୍ରାମିଂର ବର୍ତ୍ତମାନର ଧାରା ଉପରେ ଆଲୋଚନା କରାଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କର୍ମଶାଳାକୁ ଉଦ୍‌ଘାଟନ କରି ଏହି କର୍ମଶାଳା ଛାତ୍ରୀଛାତ୍ରମାନଙ୍କ ଜ୍ଞାନ ଆହରଣ ଓ ବୃତ୍ତିଗତ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା କମ୍ପ୍ୟୁଟର ପ୍ରୋଗ୍ରାମିଂର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ନୂତନ କ୍ୟାରିୟର ନିର୍ମାଣରେ ସଫଳଗାମୀ ହୋଇପାରିବେ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ତଥା କିଟ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଅଜୟ କୁମାର ପରିଡ଼ା କମ୍ପ୍ୟୁଟର ପ୍ରୋଗ୍ରାମିଂର ବିଶ୍ୱବ୍ୟାପୀ ଆବଶ୍ୟକତା ଓ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା, ଗବେଷଣା ଓ ନିଯୁକ୍ତି କ୍ଷେତ୍ରରେ ଉତ୍କର୍ଷ ସାଧନରେ କମ୍ପ୍ୟୁଟର ପ୍ରୋଗ୍ରାମିଂ ସହାୟକ ହୋଇଛି ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପିକା ଡ. ପ୍ରଣିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ମ୍ୟାନେଜମେଣ୍ଟ ସ୍କୁଲର ଡିନ୍ ଡ. ଶ୍ରୀତା ଭୋଳ, ପ୍ରାଧ୍ୟାପକ ରଘୁନାଥ ରାଉତ, ବିଭାଗୀୟ ମୁଖ୍ୟ ଶିବଚରଣ ବାରିକଙ୍କ ସମେତ ଅଧ୍ୟାପିକାଅଧ୍ୟାପକମାନେ କର୍ମଶାଳାରେ ଯୋଗଦେଇଥିଲେ।

## 'ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ,୯।୧୨ (କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗରେ ଏକବିଂଶ ଶତାବ୍ଦୀରେ ଗାନ୍ଧିଜୀଙ୍କ ଉପାଦେୟତା ଶୀର୍ଷକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରଫେସର ଖାରବେଳ ମହାନ୍ତି ପାଠଚକ୍ରକୁ ଉଦ୍‌ଘାଟନ କରି ସତ୍ୟ, ଅହିଂସା, ବୌଦ୍ଧ ଧର୍ମ, ରାମାୟଣ, ମହାଭାରତ, ବିଶ୍ୱଯୁଦ୍ଧ ବେନ କିମ୍ବଲେ, ହାଭାର୍ଡ ବିଶ୍ୱବିଦ୍ୟାଳୟ, ବେଜିଂ ବିଶବିଦ୍ୟାଳୟ ଗାନ୍ଧୀ ଦର୍ଶନ ଆଦି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡ. ଦିଲ୍ଲୀପ କୁମାର କର, ଅଧ୍ୟକ୍ଷ ଚନ୍ଦ୍ରମୋହନ ପାଇଁ, ପ୍ରଶାସନିକ ମୁଖ୍ୟ ଡ. ସରୋଜ କୁମାର ଦାଶ, ଶୈକ୍ଷିକ ମୁଖ୍ୟ ଡ. ଅକ୍ଷୟ କୁମାର ନାୟକ ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଆକାଶବାଣୀର ପ୍ରଯୋଜକ ଡ. ତ୍ରିଲୋଚନ ଦାସ ଗାନ୍ଧିଜୀଙ୍କ ଅହିଂସା, ସତ୍ୟାଗ୍ରହ ବିଷୟରେ କହିଥିଲେ। ବିଭାଗୀୟ ମୁଖ୍ୟ କାନ୍ତିରେଖା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁରଲୀ ଫାଉଣ୍ଡେଶନର ଚେୟାରମ୍ୟାନ ସ୍ୱପ୍ନ ସରିତ ନାୟକ ସହଯୋଗ କରିଥିଲେ। ଏହି ଅବସରରେ ବିଭାଗର ବାର୍ଷିକ ମୁଖପତ୍ର ବାରବାଟୀର ୧୫ତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଇତିହାସ ବିଭାଗ ଓ ମୁରଲୀ ଫାଉଣ୍ଡେସନର ମିଳିତ ସହଯୋଗରେ ଅଧ୍ୟାପକ ନିହାର ରଞ୍ଜନ ରଥ, ଡ. ଅକ୍ଷୟ କୁମାର ନାୟକ, ଅଧ୍ୟାପିକା ଅନିମା ମହାପ୍ରଶସ୍ତ, ଅଧ୍ୟାପିକା ଚନ୍ଦନା ମହାନ୍ତି, ଡାଟା ଏଣ୍ଟ୍ରି ଅପରେଟର କାଦମ୍ବିନୀ ଲେଙ୍କାଙ୍କୁ ଜୀବନବ୍ୟାପୀ ନିଷ୍ଠାପର କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ବହୁ ଛାତ୍ରୀଛାତ୍ର ଗାନ୍ଧୀ ସମ୍ବନ୍ଧିତ ସନ୍ଦର୍ଭ ପାଠ କରିଥିଲେ।

## ଆଞ୍ଚଳିକ ଟ୍ରକ୍ ମାଲିକ ମହାସଂଘର ଧାରଣା

ମଙ୍ଗୁଳି-ଜଗତପୁର,୯।୧୨(ମାନସ ସାମଲ)




କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳି ମୌଜାସ୍ଥିତ ଏକ ସିମେଣ୍ଟ କମ୍ପାନୀ ବିରୋଧରେ ୧୫ ଦଫା ଦାବିରେ ଆଞ୍ଚଳିକ ଟ୍ରକ ମାଲିକ ମହାସଂଘ ପକ୍ଷରୁ ସୋମବାର ଧାରଣା ଦିଆଯାଇଛି। କମ୍ପାନୀର ପାରିପାର୍ଶ୍ୱିକ ବିକାଶରେ ସହଭାଗୀ ଥିବା କଟକ ଜିଲା ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡ଼ଗାଁ, ଉଚ୍ଚପଦା, କହ୍ନେଇପୁର, ସଫା ଓ କୋଟସାହି ପଞ୍ଚାୟତ ସହ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଓ ପାରିଆ ପଞ୍ଚାୟତର ଟ୍ରକ ମାଲିକଙ୍କ ସହ ସାଧାରଣ ଲୋକେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବିଶେଷକରି ଉପରୋକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଆନ୍ଦୋଳନସ୍ଥଳରେ ସେମାନଙ୍କ ବକ୍ତବ୍ୟ ରଖିଛନ୍ତି।

ସୂଚନା ଅନୁଯାୟୀ, କମ୍ପାନୀ ଦ୍ୱାରା ଭେଣ୍ଡର ହୋଇଥିବା ଟ୍ରାନ୍ସପୋର୍ଟ ଯେଉଁଭଳି ସୁବିଧା ପାଉଛନ୍ତି, ସେହିଭଳି ଆଞ୍ଚଳିକ ଟ୍ରକ ମାଲିକମାନଙ୍କୁ ଅଗ୍ରାଧିକାର ଦେବାକୁ ଦାବି ହୋଇଛି। ସିମେଣ୍ଟ ପରିବହନ ସହ ବିଭିନ୍ନ ସମସ୍ୟାଭିତ୍ତିକ ଫାଷ୍ଟ କମ୍ ଫାଷ୍ଟ ଲୋଡ, ସରକାରଙ୍କ ଧାର୍ଯ୍ୟ ଭଡ଼ା ପ୍ରଦାନ, ଟୋଲ ଟ୍ୟାକ୍ସ ଅଗ୍ରିମ ରୂପେ ପ୍ରଦାନ କରିବା, ବହୁଦିନରୁ ଧାର୍ଯ୍ୟ ପରିବହନ ଭଡ଼ା ମୂଲ୍ୟ ସଂଶୋଧନ କରିବା ଭଳି ୧୫ ଦଫା ଦାବି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆଞ୍ଚଳିକ ଟ୍ରକ ମାଲିକ ମହାସଂଘ ସଭାପତି ଦିଲୀପ ପ୍ରହରାଜ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଟାଙ୍ଗୀ ପୋଲିସ ପକ୍ଷରୁ ୨ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ଆଞ୍ଚଳିକ ଟ୍ରକ ମାଲିକ ମହାସଂଘ ସମ୍ପାଦକ ନୀହାର ରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ସାହୁ, ସମରେଶ ପ୍ରହରାଜ, ଇକ୍‌ବାଲ ଖାନ, ପ୍ରଶାନ୍ତ ମହାରଣା, ବାସୁଦେବ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଟ୍ରକ ମାଲିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଥାନା ଅଧିକାରୀଙ୍କୁ ଦାବିପତ୍ର

କଟକ ସଦର,୯।୧୨(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ଥୋରିଆପଡ଼ା ଗ୍ରାମର ନଗମା ବିବି ନାମ୍ନୀ ମହିଳାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଏକ ଦାବିପତ୍ର ସ୍ଥାନୀୟ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦଳର କଟକ ଜିଲା ସହ ସମ୍ପାଦକ ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଏହି ଦାବି ପତ୍ର ଥାନା ଅଧିକାରୀ ଦୁର୍ଗେସ ନନ୍ଦିନୀ ମହାନ୍ତିଙ୍କୁ ପ୍ରଦାନ କରାଯାଇ ପୀଡ଼ିତାଙ୍କ ଏତଲାକୁ ବିଭିନ୍ନ ସମୟରେ ରଖାଯାଉ ନ ଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ପୀଡ଼ିତାଙ୍କ ସ୍ୱାମୀ ବିଦେଶରେ ରହୁଥିବାରୁ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ହଇରାଣ କରୁଛନ୍ତି। ଅଭିଯୋଗ ନେଇ ଥାନାକୁ ଗଲେ ପୋଲିସ ଏତଲା ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଥିଲା। ତେବେ ପୀଡ଼ିତାଙ୍କ ଅଭିଯୋଗ ଉପରେ ଏଣିକି ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କଟକ ସଦର,୯।୧୨(ସୁଶାନ୍ତ କୁମାର ଜେନା)

ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ କିଶନ ନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ଡିହତରତଙ୍ଗ ଗ୍ରାମର ବିଶ୍ୱଜିତ୍ ନାଥ(୧୯)। ଏନେଇ ପୋଲିସ ୨୮୦/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବିଶ୍ୱଜିତ୍ କିଶନ ନଗର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ଜଗତ୍‌ସିଂହପୁରର ଏକ ସ୍ଥାନରେ ଭଡ଼ାଘରେ ରଖିଥିଲେ। ରବିବାର କିଶନ ନଗର ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ସଦଳବଳ ଚଢ଼ାଉ କରି ଉଭୟ ନାବାଳିକା ଓ ବିଶ୍ୱଜିତ୍‌ଙ୍କୁ କାବୁ କରିଥିଲେ। ସୋମବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ସହ ଡାକ୍ତରିମାଇନା କରାଯାଇଥିଲା।

# 'କଳା ପାଇଁ ଉତ୍ସର୍ଗ କରିଥିଲେ ଜୀବନ'

### ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ୧୦୩ତମ ଜୟନ୍ତୀ

କଟକ,୯।୧୨ (କାର୍ତ୍ତିକ ସାହୁ)



ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପର ମିଳିତ ଆନୁକୂଲ୍ୟରେ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ୧୦୩ତମ ଜୟନ୍ତୀ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାର ପ୍ରଫେସର ବିଜୟାନନ୍ଦ ସିଂ କହିଲେ, ଚିତ୍ରଶିଳ୍ପୀ ବିଭୂତି ଭୂଷଣ କାନୁନ୍‌ଗୋ କୋଲକାତା ସରକାରୀ କଳାମହାବିଦ୍ୟାଳୟରୁ ଶିକ୍ଷା ସମାପ୍ତି ପରେ କଟକଠାରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଚିତ୍ର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଅହରହ ସଂଘର୍ଷ କରି ତାଙ୍କ ଜୀବନର ସବୁତକ ସମୟ କଳା ପାଇଁ ଉତ୍ସର୍ଗ କରିଥିଲେ। ଯେତେବେଳେ ଚିତ୍ରକଳାର କୌଣସି ଆଦର ନ ଥିଲା ସେତେବେଳେ ତାଙ୍କ ଉଦ୍ୟମରେ କଟକର ମହମ୍ମଦିଆ ବଜାରସ୍ଥିତ ନିଜ ଘରେ ଏକ ଚିତ୍ରକଳା ମହାବିଦ୍ୟାଳୟ ଆରମ୍ଭ କରିଥିଲେ। ବର୍ଷ ବର୍ଷ ଧରି ଚିତ୍ରଶିଳ୍ପୀଙ୍କୁ ସେଠାରେ ଶିକ୍ଷାଦାନ ଦେଇ ଓଡ଼ିଆ ଶିଳ୍ପୀଙ୍କୁ ଓଡ଼ିଶା ବାହାରେ ପରିଚିତ କରାଇଥିଲେ। ପ୍ରତିକୂଳ ସମୟକୁ ଅତିକ୍ରମ କରି ଉତ୍କଳୀୟ ଶିଳ୍ପକଳାକୁ ଦିଗ୍‌ଦର୍ଶନ ଦେବାରେ ଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ଭୂମିକା ଅତୁଳନୀୟ। ସ୍ୱାଭିମାନୀ ଚିତ୍ରଶିଳ୍ପୀ ଭାବରେ ଜାତି ଇତିହାସରେ ଅବିସ୍ମରଣୀୟ ହୋଇ ରହିବେ ବୋଲି ସିଂ କହିଛନ୍ତି।

ମୁଖ୍ୟବକ୍ତା ଡ. ଦୀପକ ସାମନ୍ତରାୟ କହିଲେ, ଓଡ଼ିଶାରେ ମୁଦ୍ରଣକଳା ଓ ବ୍ୟାବହାରିକ କଳାକୁ ନୂତନ ଦିଗ୍‌ଦର୍ଶନ ଦେବା ସହିତ କଳା ଯେପରି ସାଧାରଣ ଜନଜୀବନ ସହିତ ଜଡ଼ିତ ହେବ ସେ କଥା ଶିଳ୍ପୀ ବିଭୂତି ସବୁବେଳେ ଚିନ୍ତା କରୁଥିଲେ। ଅବସରପ୍ରାପ୍ତ ଭାରତୀୟ ପୋଲିସ ଅଧିକାରୀ ରାଜକିଶୋର ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ବର୍ତ୍ତମାନର ସମାଜରେ କଳାର ଆଦର ବଢ଼ିଛି ସତ କିନ୍ତୁ ନିଜ ଘରେ ଗୋଟିଏ ଛୋଟ ଚିତ୍ରଟିଏ ସାଇତି ରଖିବାର ମନୋବୃତ୍ତି ନାହିଁ। ଚିତ୍ର କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘରେ ଛୋଟ ଚିତ୍ରଟିଏ ସାଇତି ରଖିବା ଉଚିତ୍ ବୋଲି ସେ କହିଥିଲେ। ବିଭୂତି କାନୁନ୍‌ଗୋ ତାଙ୍କ ରାମାୟଣ ଚିତ୍ରକଳା ସିରିଜ୍ ଜରିଆରେ ସମସ୍ତଙ୍କ ମନରେ ଛାପ ଛାଡ଼ିଯାଇଛନ୍ତି ବୋଲି ଗ୍ରୁପର ସଭାପତି ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ କହିଥିଲେ। ଗ୍ରୁପର ସମ୍ପାଦକ ଶଶୀକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତିକବି ମନୋଜ ପଟ୍ଟନାୟକ, ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଭାସ୍କର୍ଯ୍ୟ ଶିଳ୍ପୀ ଲକ୍ଷ୍ମୀଧର ରଣା, ବରିଷ୍ଠ ଚିତ୍ରଶିଳ୍ପୀ ବିଜୟ କୁମାର ପ୍ରଧାନ, ପ୍ରକାଶକ ଉମେଶ ପ୍ରସାଦ ସାହୁ, କବି ତପନ ସ୍ୱାଇଁ, ପ୍ରଦୀପ କୁମାର ଦାସ ଆଦି ଚିତ୍ରଶିଳ୍ପୀ କାନୁନ୍‌ଗୋଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ କୁନିକୁନି ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଫଟୋରେ ଖବର




କଟକ ବକ୍ସି ବଜାର କେବିକେ ରୋଡ଼ସ୍ଥିତ ଫ୍ୟାମିଲି କାଉନ୍‌ସେଲିଂ ସେଣ୍ଟର ପକ୍ଷରୁ ଆୟୋଜିତ ବିଶ୍ୱ ମହିଳା ହିଂସା ବିରୋଧୀ ଅଭିଯାନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।




ଥଇଥାନ ଓ ଭେଣ୍ଡିଂଜୋନ୍ ଦାବିରେ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ରାଜକିଶୋର ମହାନ୍ତି)

# ଜଳାଶୟ ପୋତିବାକୁ ନେଇ ଉତ୍ତେଜନା

ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ଏକ ଘରୋଇ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ହାବେଳି ପଡ଼ିଆରେ ଆସନ୍ତା ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ମହୋତ୍ସବ ଅନୁଷ୍ଠିତ ହେବ। ତେବେ ଆୟୋଜକ କମିଟି ମହୋତ୍ସବ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ବିବାଦ ଦେଖାଦେଇଛି। ହାବେଳି ପଡ଼ିଆରେ ମହୋତ୍ସବ ପରିବର୍ତ୍ତେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ବାସିନ୍ଦା ଗତ ୨ ତାରିଖରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ପୂର୍ବାହ୍ନରେ ପଡ଼ିଆ ନିକଟରେ ଥିବା ଜଳାଶୟ ପୋତିବାକୁ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। କଂଗ୍ରେସ ନେତ୍ରୀ ସୋନାଲି ସାହୁ ଏବଂ କେତେଜଣ ସ୍ଥାନୀୟ ଲୋକେ ପହଞ୍ଚି ବିରୋଧ କରିଥିଲେ। କାହା ଅନୁମତିରେ ଜଳାଶୟକୁ ପୋତାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଆୟୋଜକ କମିଟି ସମ୍ପାଦକ ଏବଂ ଅନ୍ୟମାନେ ମୁହାଁମୁହିଁ ହୋଇଥିଲେ।


ମୋରମ ପକାଇ ପୋତାଯାଇଥିବା ଜଳାଶୟ।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ନେତ୍ରୀ ଏବଂ ଗ୍ରାମବାସୀଙ୍କ ଧାରଣା।

ଅନ୍ୟପଟେ ସର୍ବସାଧାରଣଙ୍କ ଜଳାଶୟକୁ ପୋତିବା ପ୍ରତିବାଦରେ କଂଗ୍ରେସ ନେତ୍ରୀ ସୋନାଲି ଏବଂ ସ୍ଥାନୀୟ ବାସିନ୍ଦା ପ୍ରଥମେ ତହସିଲଦାର ଏବଂ ପରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେପଟେ ଘଟଣାସ୍ଥଳରେ ଆୟୋଜକ କମିଟି ସଦସ୍ୟ ସ୍ଥାନୀୟ ଜଣେ ବରିଷ୍ଠ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି।

- କମିଟି-ସ୍ଥାନୀୟ ଲୋକେ ମୁହାଁମୁହିଁ
- କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର
- ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଅଭିଯୋଗ ଅନୁଯାୟୀ, ପୌର ପରିଷଦ ଅଧୀନ ଜଜାରସିଂହ ମୌଜା ଖାତା ନଂ.୧୧୦୬ ପ୍ଲଟ ନଂ.୨୬୮୬ ଥିବା ପୋଖରୀକୁ ମହୋତ୍ସବ ଆୟୋଜନ ନାଁରେ ପୋତି ଆଗାମୀ ଦିନରେ କୋଠା ନିର୍ମାଣ ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି କଂଗ୍ରେସ ନେତ୍ରୀ ସୋନାଲି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଜଳାଶୟରୁ ପାଣିପମ୍ପ ଦ୍ୱାରା ୬ଫୁଟର ଜଳ ନିଷ୍କାସନ କରାଯାଇଛି। ଏହି ପୁରାତନ ଜଳାଶୟର ପୁନରୁଦ୍ଧାର ପରିବର୍ତ୍ତେ ଜଳାଶୟକୁ ରାତି ଅଧିଆ ମୋରମ ପକାଇ ସମତୁଲ କରାଯାଉଛି। ଏଠାରେ ମହୋତ୍ସବ ପାଇଁ ଦୋକାନ ବଜାର ଖୋଲିବା, ଗାଡି ପାର୍କିଂ ତଥା ମଞ୍ଚ ବାନ୍ଧିବାକୁ ଯୋଜନା ଚାଲିଛି। ମହୋତ୍ସବରେ କଳା, ସଂସ୍କୃତିର ବିକାଶ ପରିବର୍ତ୍ତେ କିପରି ଭଲ ବ୍ୟବସାୟ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଏହି ଜଳାଶୟକୁ ପୋତିଦେବା ଦ୍ୱାରା ୫, ୮,୧୧ ଏବଂ ୧୨ନଂ. ୱାର୍ଡ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେବା ବର୍ଷାଦିନେ ଘରେ ପାଣି ପଶିବା ସମ୍ଭାବନା ରହିଛି। ଗତବର୍ଷ ଏହି ଜଳାଶୟରେ ଅଳିଆ, ଆବର୍ଜନା ପକାଇ ପୋତିଦିଆଗଲା। ଫଳରେ ପୂର୍ତ୍ତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ମଶାଙ୍କ ପାଦୁର୍ଭାବ ବଢିଥିଲା। ସହରାଞ୍ଚଳରେ ଜଳର ଅଭାବ ପୂରଣ ତଥା ଭୂମିର ଆଦ୍ରତା ନିମନ୍ତେ ଜଳାଶୟ ଗୁଡିକର ପନରୁଦ୍ଧାର ପାଇଁ ଆମ ପୋଖରୀ ଯୋଜନାରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ଜଳାଶୟ ପୋତିଦେବା ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି କଂଗ୍ରେସ ନେତ୍ରୀ ସୋନାଲି ଅଭିଯୋଗ କରିଛନ୍ତି। ଏପରିକି ଜଳାଶୟକୁ ପୋତାଯାଉଥିବା ଖବରପାଇ ଘଟଣାସ୍ଥଳକୁ ଯାଇଥିବା କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆୟୋଜକ କମିଟି ସଦସ୍ୟ ଦୁର୍ବ୍ୟବହାର କରିଥିବା କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ, ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସୋନାଲି ଚେତାବନୀ ଦେଇଛନ୍ତି। ଏନେଇ ତହସିଲଦାର ବିଭାଷ ପାଣିଗ୍ରାହୀ କହିଛନ୍ତି, ଘଟଣା ସମ୍ପର୍କରେ ଏକ ଲିଖିତ ଅଭିଯୋଗ ପାଇଛି। ରାଜସ୍ୱ ନିରୀକ୍ଷକଙ୍କୁ ପଠାଯାଇ ଏହାର ତଦନ୍ତ କରାଯିବ। ତଦନ୍ତ ରିପୋର୍ଟକୁ ଆଧାର କରି ପଦକ୍ଷେପ ନିଆଯିବ। ଅନ୍ୟପଟେ ଏନେଇ ଆୟୋଜକ କମିଟିର ସଭାପତି ଏବଂ ସମ୍ପାଦକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜଳାଶୟ ପୁନରୁଦ୍ଧାର ଦାବି

ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ହାବେଳି ପଡ଼ିଆକୁ ଲାଗି ରହିଥିବା ଜଳାଶୟକୁ ପୋତିବାକୁ ନେଇ ସ୍ଥାନୀୟ ଏକାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଶାସନ ସଚିବଙ୍କୁ ଚିଠି ଲେଖି ଏହାର ପୁନରୁଦ୍ଧାର ଦାବି କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ.୮ରେ ଥିବା ୩ଟି ଜଳାଶୟ ସାନଚତରା, ବଡ଼ଚତରା ଓ ହାବୋଳି ନାମରେ ରହିଥିଲା। ସେଥିରୁ ବଡ଼ଚତରାକୁ ପ୍ରଶାସନ ପକ୍ଷରୁ ପୋତାଯାଇ ପାଚେରି ନିର୍ମାଣ କରାଯାଇଥିବା ବେଳେ ହାବେଳି ପୋଖରୀକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ପାଚେରି କରି ନିଜ ଅକ୍ତିଆରରେ ରଖିଛନ୍ତି। ତେବେ ଜଜାରସିଂହ ମୌଜାରେ ଥିବା ସାନଚତରା ଜଳାଶୟ ଉପରେ ଶତାଧିକ ବ୍ୟକ୍ତିବିଶେଷ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏପରିକି ଗୋରୁ, ଜୀବଜନ୍ତୁ ଜଳାଶୟରୁ ପାଣି ପିଉଥିଲେ। ଉକ୍ତ ଜଳାଶୟକୁ ପ୍ରଶାସନ ପକ୍ଷରୁ ଖୋଳାଯାଇ ଚାରିପାଖ ପାଚେରି ନିର୍ମାଣ କରାଯାଇଥିଲା। ଏହାର ଚାରିପାଖରେ ଏକାଧିକ ବସ୍ତି, ସାହିର ଲୋକେ ଉପକୃତ ହେଉଥିଲେ। ସବୁ ସମୟରେ ଏଥିରେ ପାଣି ରହୁଥିବା ବେଳେ ଖରାଦିନେ ଜଳସ୍ତର ହ୍ରାସ ପାଇଥାଏ। ତେବେ କୁଚକ୍ରି ଗୋଷ୍ଠୀ ନିଜ ସ୍ୱାର୍ଥ ପାଇଁ ଏହି ପୁରାତନ ଜଳାଶୟ ପୋତିଦେବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି। ଏହି ଜଳାଶୟକୁ ଉଦ୍ଧାର କରାଯାଇ ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି।

# ଟାଙ୍ଗୋଳ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ


ଅତିଥିମାନେ ସ୍କୁଲର ମୁଖପତ୍ର 'ସୁବର୍ଣ୍ଣ ସୃଜନୀୟ'କୁ ଲୋକାର୍ପଣ କରୁଛନ୍ତି।

ନିରାକାରପୁର,୯।୧୨(ମାନସ ପଟ୍ଟନାୟକ)

ଟାଙ୍ଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନିତ ଅତିଥିଭାବେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଡ.ଭୋବନି ରଥ, ଭିକାରି ଚରଣ ରଥ ପ୍ରମୁଖ ଯୋଗଦେଇ ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହି ଉତ୍ସବ ସମସ୍ତଙ୍କୁ ବାନ୍ଧି ରଖିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ମହାପାତ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସ୍କୁଲର ମୁଖପତ୍ର 'ସୁବର୍ଣ୍ଣ ସୃଜନୀୟ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ସେହିପରି ପ୍ରତ୍ୟକ ବ୍ୟାଚର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁରୂପଭାବେ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମାଜିକ ନାଟକ 'ଭୁଲ ତୋର ଭୋଗୁଛି ମୁଁ' ମଞ୍ଚସ୍ଥ ହୋଇଥିଲା। ଆଲୋକ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀନିବାସ ପଣ୍ଡା ଧନ୍ୟବାଦ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଭାଗୀରଥି ବେହେରା, ସ୍କୁଲ ଆଲୁମ୍‌ନି ଆସୋସିଏଶନ ସଭାପତି ରବି ନାରାୟଣ ମିଶ୍ର, ଗନ୍ଧର୍ବସେନ ସାହୁ, ପ୍ରଭାକର ଜୟସିଂହ, ରବି ପଟ୍ଟନାୟକ, ଦାମୋଦର ଜୟସିଂହ, କୈଳାସ ସାହୁ, ଆଲୋକ ନାଥ ସାହୁଙ୍କ ସମେତ ସମସ୍ତ ସ୍କୁଲ ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ସୋରଣ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ଼ ମାରିଥିବା ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କ ଗିରଫ ଦାବିରେ ଜିଲା ପିଇଓ ସଂଘ ପକ୍ଷରୁ ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଥିଲା। ଫଳରେ ଜିଲାର ୧୦ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତ କାର୍ଯ୍ୟ ବନ୍ଦ ରହିଥିଲା। ଗତ ଶନିବାର ସମ୍ପୃକ୍ତ ସରପଞ୍ଚଙ୍କ ସମେତ ସମର୍ଥକମାନେ ଟାଙ୍ଗୀ ଥାନାରେ ହାଜର ହୋଇ ବ୍ୟକ୍ତିଗତ ମୁଚାଲିକାରେ ଯାଇଥିବା ଜଣାପଡିଛି। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚଞ୍ଚଳ ରାଣା ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନରୁ ଓହରିଛି। ମଙ୍ଗଳବାରଠାରୁ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟରେ ଯୋଗଦେବା ପାଇଁ ଲିଖିତଭାବେ ଜଣାଇଛନ୍ତି। ଜିଲା ପିଇଓ ସଂଘ ସଭାପତି ପ୍ରସନ୍ନ କୁମାର ବାରିକ, ସମ୍ପାଦକ ମନୋରଞ୍ଜନ ଜେନା ଚିଠି ନଂ.୧୭ରେ ଜିଲାପାଳଙ୍କ ସମେତ ଏସ୍‌ପି, ଅତିରିକ୍ତ ଜିଲାପାଳ, ଜିଲାପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି।

### ମାଙ୍କଡ଼ା ପଥର ବୋଝେଇ ୩ ଟ୍ରକ୍ ଜବତ, ୨ ଗିରଫ



ନିରାକାରପୁର,୯।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ନିରାକାରପୁର ପୋଲିସ ପକ୍ଷରୁ ୧୬ନମ୍ବର ଜାତୀୟ ରାଜପଥ ଏବଂ ନୂଆ ଜଗନ୍ନାଥ ସଡ଼କରେ ଚଢ଼ାଉ କରାଯାଇ ମାଙ୍କଡ଼ା ପଥର ବୋଝେଇ ୩ଟି ଟ୍ରକ୍ ଜବତ କରାଯାଇଛି। ଏହି ଘଟଣାରେ ଦୁଇ ଜଣ ଚାଳକ ନିରାକାରପୁର ଥାନା ଅଧୀନ ନୀଳଗିରି ପାଟଣାର ଅନନ୍ତ ମହାରଣା ଏବଂ ପୁରୀ ଜିଲା ଲିଆଜପୁର ଅଞ୍ଚଳର କାହ୍ନୁ ଦଳେଇଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ଜଣେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଖସି ପଳାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏନେଇ ଥାନାରେ ପୃଥକଭାବେ ତିନିଟି ମାମଲା (ନଂ.୩୦୪, ୩୦୫, ୩୦୬/୨୪)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି।

# ଜନଶୁଣାଣି ଶିବିରରେ ୧୩୬ ଅଭିଯୋଗ


ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଜଟଣୀ/ଝାଁଳା,୯।୧୨
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିଥିଲେ। ଶିବିରରେ ମୋଟ୍ ୧୩୬ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ସେଥିରୁ ୧୦୯ଟି ବ୍ୟକ୍ତିଗତ ରହିଥିବା ବେଳେ ଗ୍ରାମ ସମସ୍ୟା ୨୬ଟି ଅଭିଯୋଗ ରହିଥିଲା। ସେହିପରି ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକର ତଦନ୍ତ କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଭୁବନେଶ୍ୱର ଡ.ମନୋରଞ୍ଜନ ସାହୁ, ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ୧୨ରୁ ରାମଚରିତ ମାନସ ପାରାୟଣ, ପ୍ରବଚନ

ବାଘମାରୀ/ବେଗୁନିଆ,୯।୧୨
(ମିହିର ରଞ୍ଜନ ମହାପାତ୍ର/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ମୋହନପୁର ସାହି ରଘୁନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ତ୍ରିଦିବସୀୟ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୧୩ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରତିଦିନ ହନୁମାନ ଚାଳିଶା ପାଠ, ମାନସ ପାରାୟଣ ସହ ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଯୋଗଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

### ପୋଲତଳକୁ ବାଇକ୍ ଖସିପଡ଼ିବା ଘଟଣା: ଚିକିତ୍ସାଧୀନ ନାବାଳକ ମୃତ

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

ଟାଙ୍ଗୀ କାଳୁପଡ଼ା ପୂର୍ତ୍ତ ବିଭାଗ ରାସ୍ତାରେ ରବିବାର ଏକ ବାଇକ୍ ଭାରସାମ୍ୟ ହରାଇ ବଡ଼ଶଙ୍ଖ ପୋଲତଳକୁ ଖସିପଡ଼ିବାରୁ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ଗ୍ରାମର ସୁନୀଲ ମହାରଣା (୩୦) ଏବଂ ଡୁଗୁ ମହାରଣା(୮)। ଉଭୟ ସମ୍ପର୍କରେ ଦୁଇ ଭାଇ ବୋଲି ଜଣାପଡ଼ିଛି। ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡୁଗୁଙ୍କ ମୃତ୍ୟୁ ଘଟିଛି। ସେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧୧ରୁ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

ଟାଙ୍ଗୀ ଦେବୀ ଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମଠାରେ ଆସନ୍ତା ୧୧ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

ଏହି ଟୁର୍ନାମେଣ୍ଟରେ ବିହାର, ଛତିଶଗଡ଼, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୮ଟି ଟିମ୍ ଅଂଶଗ୍ରହଣ କରିବେ। ୧୧ ତାରିଖରେ ବିଡାନାସୀ କଟକ ସହିତ କେନ୍ଦ୍ରାପଡ଼ା ଅଲି ମହିଳା ଫୁଟ୍‌ବଲ କ୍ଲବ, ୧୨ରେ ଜେଏସପିଏସ ରାଞ୍ଚି ସହିତ ଭୁବନେଶ୍ୱର କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ, ୧୩ ରେ ପ୍ରଥମ ସେମିଫାଇନାଲ, ୧୪ରେ ବିହାର ଏକାଦଶ ସହିତ ରାୟପୁର ଏକାଦଶ, ୧୫ ରେ କୋଲକାତା ଏକାଦଶ ସହିତ ନୀତା ଫୁଟ୍‌ବଲ କଟକ,୧୬ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୭ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ତପନ କୁମାର ମହାନ୍ତି ଏବଂ ସମ୍ପାଦକ ନିରଞ୍ଜନ ନାୟକ ସୂଚନା ଦେଇଛନ୍ତି।

# ଅବହେଳିତ ବୃଦ୍ଧାବୃଦ୍ଧଙ୍କୁ ସାହାରା ଦେବ 'ଆମ ଘର'

ବେଗୁନିଆ,୯।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡାଳତୋଳା ଠାରେ ସାମାଜିକକର୍ମୀ ମାନସ କୁମାର ବେହେରାଙ୍କ ପ୍ରଚେଷ୍ଟାରେ ଆମ ଘର(ବୃଦ୍ଧାଶ୍ରମ)ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗଡ଼ମାଣତୀରସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ବୃଦ୍ଧାବୃଦ୍ଧଙ୍କୁ ନେଇ ଏକ ସଭା ହୋଇଥିଲା। ସେମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକକର୍ମୀ ମାନସ କୁମାର ବେହେରା ମୁଖ୍ୟ ଅତିଥି, ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଭକ୍ତିଭୂଷଣ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ବଳରାମ ରଣସିଂହ, ଅକ୍ଷୟ ରାଉତରାୟ, ଦେବେନ୍ଦ୍ର ମାନସିଂହ, ସୁରେଶ ମାନସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ବୃଦ୍ଧାବୃଦ୍ଧଙ୍କ ଭବିଷ୍ୟତ ଜୀବନର ଭରଣ ପୋଷଣ ଏବଂ ସୁରକ୍ଷା ସହିତ ଅବହେଳିତ ବୃଦ୍ଧ ବୃଦ୍ଧାମାନଙ୍କ ପ୍ରତି ଶନ୍ତାନମାନଙ୍କ ଦାୟିତ୍ୱବୋଧ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଞ୍ଚଳର ସମାଜସେବୀଙ୍କୁ ନେଇ ଏକ ଥାର୍ଡ଼ ଆଇ ଗ୍ରୁପ ଗଠନ କରାଯାଇଛି। ଅଞ୍ଚଳରେ ଅବହେଳିତ ଅବସ୍ଥାରେ ଥିବା ବୃଦ୍ଧାବୃଦ୍ଧଙ୍କୁ ଏହି ଗ୍ରୁପର ସଭ୍ୟମାନେ ଠାବ କରି ସେମାନଙ୍କୁ ଆଣି ଆମ ଘର(ବୃଦ୍ଧାଶ୍ରମ) ରେ ଥଇଥାନ କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ରଥ ଏବଂ ଭାସ୍କର ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଂଗ୍ରାମ କେଶରୀ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

# ବଜ୍ରକୋଟ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା

କୃଷ୍ଣପ୍ରସାଦ,୯।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଜ୍ରକୋଟ ପରିସରରେ ଦ୍ୱିତୀୟ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ୨୪ ମୌଜା ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ବୈରିଗଞ୍ଜନ ଉଦ୍‌ଘାଟନ କରିଥିଲେ। ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ବିଜୟ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠୀ, ମୁଖ୍ୟ ବକ୍ତା ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ସନାତନ ତରେଇ, ବଜ୍ରକୋଟ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ହରିଚନ୍ଦନ, ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ଼ ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାର ଉପଯୋଗୀତା ଓ ଉତ୍କର୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟା ମନ୍ଦିର ପ୍ରଧାନଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ ସମ୍ପାଦକୀୟ ପଠନ କରିଥିଲେ। ସହକାରୀ ଆଚାର୍ଯ୍ୟା ରିତାରାଣୀ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ନିରଞ୍ଜନ ପଲାଇ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଜେନା, ପ୍ରଶାନ୍ତ କୁମାର ପଲାଇ ମଞ୍ଚ ପରିଚାଳନା କରିଥିଲେ। ନିରୀକ୍ଷକଭାବେ ମାନସିଂହ ସାହିତ୍ୟ ସଂସଦ ସଭାପତି ବିଷ୍ଣୁ ପ୍ରସାଦ ଦଳାଇ, ବ୍ଲକ ଓଷ୍ଟା ସଭାପତି କାଶୀନାଥ ଜେନା, ଗଞ୍ଜାମ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନିପାକ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ବିଜ୍ଞାନର ଉପକାରିତା ସମ୍ବନ୍ଧୀୟ ନୃତ୍ୟ ନାଟିକା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ବିଜ୍ଞାନମେଳରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# 'ସଂଗ୍ରାମୀଙ୍କ ଇତିହାସକୁ ଯୁବପିଢ଼ି ଜାଣନ୍ତୁ'

ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତା ସଂଗ୍ରାମର ରାଷ୍ଟ୍ରଯଜ୍ଞରେ ଝାସ ଦେଇଥିବା ମହାନ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଖୋର୍ଦ୍ଧା ଉପକଣ୍ଠ ବାଜପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ଅବଦାନ ଅତୁଳନୀୟ। ସେ ଏକାଧାରରେ ଜଣେ ସଂଗ୍ରାମୀ, କବି, ଲେଖକ, ସାରସ୍ୱତ ସାଧକ ଥିଲେ। ଗାନ୍ଧୀ, ଗୋପବନ୍ଧୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ସଂଗ୍ରାମୀ ପେନସନ ଗ୍ରହଣ କରି ନ ଥିଲେ। ସେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ। ମାଟି ଓ ମାତୃଭୂମି ପ୍ରତି ସେବା, ସମର୍ପଣ ଭାବ ରହିବା ଜରୁରୀ ବୋଲି ସୋମବାର ସ୍ଥାନୀୟ ଗୀତାଭବନ ପରିସରରେ ଜୟୀ ରାଜଗୁରୁ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୦୯ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଅଶୋକ ନନ୍ଦ ଯୋଗଦେଇ ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ବୃନ୍ଦାବନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ନନ୍ଦ ଆହୁରି କହିଥିଲେ ଯେ, ଖୋର୍ଦ୍ଧା ବୀରତ୍ୱର ମାଟି। ସ୍ୱାଧୀନତା ସଂଗ୍ରାମରେ ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ ଅତୁଳନୀୟ। ଆଜିର ଅବକ୍ଷୟମୁଖୀ ସମାଜରେ ସୁସ୍ଥ ସମାଜ, ଗଣତନ୍ତ୍ର ଏବଂ ରାଷ୍ଟ୍ରୀୟତା, ଜାତୀୟତା ଭାବ ଜାଗରଣ ଦିଗରେ ଶିକ୍ଷାର ମୂଳମନ୍ତ୍ର ହେଉ। ବୀର ସଂଗ୍ରାମୀଙ୍କ ଇତିହାସକୁ ଯୁବପିଢି ଜାଣନ୍ତୁ। ବରିଷ୍ଠ ସାମ୍ବାଦିକ ଶିବଦତ୍ତ ଚମ୍ପତିରାୟ ମୁଖ୍ୟ ବକ୍ତାଭାବେ ଯୋଗଦେଇ ନାରାୟଣଙ୍କ ସଂଗ୍ରାମୀ କାହାଣୀ, ଛାତ୍ର ଜୀବନ, ସ୍ୱାଧୀନତା ପରବର୍ତ୍ତୀ କିପରି ସେ ସାମଜ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ବକ୍ତା ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ନାରାୟଣଙ୍କ ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରି ଚିଲିକା ଦର୍ଶନ, ଭୋଟର ଭାବନା, ପୁଣ୍ୟଶ୍ଳୋକ କାଳଜୟୀ ରଚନା ବୋଲି କହିଥିଲେ। ଜେଲରେ ବନ୍ଦୀ ଥିବା ସମୟରେ ଖପରାରେ ଜେଲ କାନ୍ଥରେ ପରାଧୀନତା ବେଦନାକୁ ଲେଖୁଥିଲେ। ଆଇନଜୀବୀ ନୃସିଂହନାଥ ମିଶ୍ର, ସାମାଜିକ କର୍ମୀ ଅକ୍ଷୟ କୁମାର ଦାସ, ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର, ସମବାୟବିତ୍ ବିମଳ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଙ୍କ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଥିଲେ। ଖୋର୍ଦ୍ଧାର ଟିଏଲ୍‌ସି ରୋଡରେ ଉନ୍ମୋଚନ ଅପେକ୍ଷାରେ ରହିଥିବା ପ୍ରତିମୂର୍ତ୍ତିର ଅନାବରଣ, ବାଜପୁର ଗ୍ରାମରେ ତାଙ୍କ ଜୟନ୍ତୀ, ବଳିଦାନ ଦିବସ ପାଳନ, ପିଲାଙ୍କ ମଧ୍ୟରେ ଦେଶପ୍ରିତୀ ଜାଗରଣ ପାଇଁ ବକ୍ତୃତା ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତାବ ରଖିଥିଲେ। ସ୍ମୃତି ସଂସଦର ସଭାପତି ଡ. ଧିରେନ୍ଦ୍ର ନନ୍ଦ ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରି ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ମନୋପକାଇବା ଉଦ୍ଦେଶ୍ୟରେ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ କରାଯିବ ବୋଲି ଘୋଷଣା କରାଯାଇଥିଲା। ଖବରଦାତା ପ୍ରଭାତ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣରେ ସ୍ୱାଧୀନତା ସଂଗ୍ରାମର ଅନାଲୋଚିତ ପ୍ରସଙ୍ଗ ଉଠାଇ ସ୍ୱାଧୀନତାର ଶତାବ୍ଦୀ ବର୍ଷରେ ଯୁବସମାଜ ରାଷ୍ଟ୍ରର କର୍ଣ୍ଣଧାର ସାଜିବାକୁ ଆହ୍ୱାନ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସଂଗ୍ରାମୀ ନାରାୟଣ ମିଶ୍ରଙ୍କ ନାତି ସୁଜିତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାଜପୁରର ସାମାଜିକ କର୍ମୀ ଜୟଦେବ ମିଶ୍ରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।


ସାମାଜିକ କର୍ମୀ ଜୟଦେବ ମିଶ୍ରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୨।୨୦୨୪

| | |
|---|---|
| ୫,୫୩,୨୧୫ ଟଙ୍କା | |
| ସୁନା | ୩.୬୫୦ ଗ୍ରାମ୍ |
| ରୁପା | ୩୪.୪୦୦ ଗ୍ରାମ୍ |

# ପ୍ରହସନ ପାଲଟିଛି ସ୍ମାର୍ଟ ସ୍କୁଲ ଶିକ୍ଷା

- ନାହାନ୍ତି ଶିକ୍ଷକ, କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର
- ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର

ଅସ୍ତରଙ୍ଗ,୯।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଛାତ୍ରୀଛାତ୍ରଙ୍କୁ ସ୍ମାଟ ଶିକ୍ଷା ଦେବାପାଇଁ ତତ୍କାଳୀନ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ସ୍ମାର୍ଟ କ୍ଲାସରୁମ ପ୍ରତିଷ୍ଠା କରିଥିଲେ। ସ୍ମାର୍ଟ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ୫-ଟି ଯୋଜନାରେ ବିଭିନ୍ନ ସ୍କୁଲରେ କମ୍ପ୍ୟୁଟର ଲଗାଯାଇଥିଲା। ହେଲେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଥିବା ପରି ମନେହେଉଛି, କାରଣ ଏହି ବ୍ଲକର କମ୍ପ୍ୟୁଟର ଥିବା ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି। କମ୍ପ୍ୟୁଟର ଶିକ୍ଷକ ଛଟେଇ ହେବା ପରେ ଦୀର୍ଘ ୬ମାସରୁ ଉର୍ଦ୍ଧ୍ୱ ହେଲା ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର। ଫଳରେ ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।



ସୂଚନାଯୋଗ୍ୟ, ରାଷ୍ଟ୍ରୀୟ ଶିକ୍ଷା କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। କିନ୍ତୁ ଆଜିପର୍ଯ୍ୟନ୍ତ କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତ କରାଯାଇ ନାହିଁ। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ କିଛି ହାଇସ୍କୁଲ ସହ କିଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପାଇଁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ଯେପରି କି ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ, ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ସହ ବିଭିନ୍ନ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ କମ୍ପ୍ୟୁଟର ଶିକ୍ଷା ଆରମ୍ଭ ହୋଇଥିଲା। କିଛିବର୍ଷ ପୂର୍ବେ ଆଇସିଟି ସ୍କୁଲ କୋର୍ଡିନେଟର ବା କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ଏହି କମ୍ପ୍ୟୁଟର ଶିକ୍ଷକମାନଙ୍କୁ ୨୦୧୯ ଜାନୁଆରୀରେ ୨ଟି ପର୍ଯ୍ୟାୟରେ ଛଟେଇ କରାଯାଇଥିଲା। ଆଜିପର୍ଯ୍ୟନ୍ତ ଉକ୍ତ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇ ନାହିଁ। ଫଳରେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରୀଛାତ୍ର। ଶିକ୍ଷକ ନ ଥିବାରୁ ସ୍କୁଲର ବିଭିନ୍ନ କାର୍ଯ୍ୟ ଫର୍ମ ଫିଲ୍ଅପ୍, ମଧ୍ୟାହ୍ନଭୋଜନ ତଥ୍ୟ ଛାତ୍ରୀଛାତ୍ରଙ୍କ ତଥ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁ ନାହିଁ। ଛଟେଇ ପରେ ଅସ୍ତରଙ୍ଗ ବ୍ଲକର ଆଇସିଟି ସ୍କୁଲ କୋର୍ଡିନେଟର ହାତ ବାନ୍ଧି ବସିଛନ୍ତି। ତୁରନ୍ତ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ସହ ଆବଶ୍ୟକ ବ୍ୟବସ୍ଥା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# କ୍ଷେତ୍ର ପରିଦର୍ଶନ, ସମୀକ୍ଷା କଲେ ଜିଲାପାଳ



କୋଣାର୍କ/ପୁରୀ,୯।୧୨ (ଜ୍ୟୋତିରାଜ ମହାନ୍ତି/ଅଜିତ୍ କୁମାର ମହାନ୍ତି)

## ୧୩ରୁ କୋଣାର୍କ ଇକୋ ରିଟ୍ରିଟ୍

ଆସନ୍ତା ୧୩ ତାରିଖରୁ କୋଣାର୍କ ଇକୋ ରିଟ୍ରିଟ୍ ଆରମ୍ଭ ହେବ। ଏନେଇ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ଅପରାହ୍ନରେ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୌଣସି କ୍ଷେତ୍ରରେ ଯେପରି କିଛି ତ୍ରୁଟି ରହିଯାଏ ଓ ପର୍ଯ୍ୟଟକ ଏକ ସୁନ୍ଦର ଅନୁଭବ ନେଇ ପ୍ରତ୍ୟାବର୍ତ୍ତନ କରନ୍ତି, ସେଥିପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷାରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, ଇଭେଣ୍ଟ ଦାୟିତ୍ୱ ନେଇଥିବା ଇ ଫ୍ୟାକ୍ଟର ଏଜେନ୍ସିର ଅଧିକାରୀ ଓ କର୍ମଚାରୀ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଜି ଛତିଶା ନିଯୋଗ ବୈଠକ

ପୁରୀ,୯।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହେବ। ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହେବ। ରତ୍ନଭଣ୍ଡାର ମରାମତି ପାଇଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯିବା ସହ କେତେ ସମୟ ଏଏସ୍ଆଇ ରତ୍ନଭଣ୍ଡାର ମରାମତି କରିବ, ସେନେଇ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ଆଲୋଚନା ହେଉଛି। ରତ୍ନଭଣ୍ଡାର ମରାମତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ କିଭଳି ବାଧା ନ ଉପୁଜିବ ସେନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଶ୍ରୀମନ୍ଦିର କମାଣ୍ଡରଙ୍କୁ ନେଇ ପୂର୍ବ ଛତିଶା ନିଯୋଗ ବୈଠକରେ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ତାହାର ରିପୋର୍ଟ ଛତିଶା ନିଯୋଗରେ ଉପସ୍ଥାପନ କରିବ।

### ବାଇକ୍ ଧକ୍କାରେ ବୃଦ୍ଧ, ଚାଳକ ଗୁରୁତର

ନିମାପଡ଼ା,୯।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ପିପିଲି ରାସ୍ତାର ନାଗବସ୍ତ ଛକ ନିକଟରେ ସୋମବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଓ ବାଇକ୍ ଚାଳକ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ବୃଦ୍ଧ ଜଣଙ୍କ ହେଲେ ନିମାପଡ଼ା ଥାନା ଅଧୀନ ନାଗବସ୍ତ ଗ୍ରାମର ଶଙ୍କର୍ଷଣ ସାହୁ(୫୮) ଓ ବାଇକ୍ ଚାଳକ ଜଣଙ୍କ ଭୁବନେଶ୍ୱର ଅଞ୍ଚଳର ଡିଟେସ ତ୍ରିପାଠୀ(୨୦)। ବୃଦ୍ଧ ନାଗବସ୍ତ ଛକ ନିକଟ ରାସ୍ତା କଡ଼ରେ ଠିଆ ହୋଇଥିଲେ। ଡିଟେସ ରଘିଲୋ ଛକ ପଟୁ ପିପିଲି ଅଭିମୁଖେ ଆସୁଥିବାବେଳେ ବୃଦ୍ଧଙ୍କୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା।

### ଉପଜିଲାପାଳଙ୍କ ଯୋଗଦାନ

ପୁରୀ,୯।୧୨ (ଅଜିତ୍ କୁମାର ମହାନ୍ତି)

ପୁରୀ ଉପଜିଲାପାଳ ଭାବେ ରାଜ କିଶୋର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହାପୂର୍ବରୁ ଜେନା ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନର ଡେପୁଟି କମିଶନର ଭାବେ କାର୍ଯ୍ୟରତ ଥିଲେ। ପୁରୀର ଉପଜିଲାପାଳ ଥିବା ଗୋପୀନାଥ କୁଅଁରଙ୍କର ମହିଳା ଶିଶୁ ବିକାଶର ଯୁଗ୍ମ ସଚିବ ଭାବେ ବଦଳି ହୋଇଥିଲା।





ପୁରୀ ଇ ରିକ୍ସା ଚାଳକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

# ଦର୍ଶକଙ୍କୁ ଆକୃଷ୍ଟ କରୁଛି ରୋଡ୍ ସାଇକେଲ ଚାଳନା

ପୁରୀ,୯।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଷ୍ଟର୍ଲିଂ ଛକ ନିକଟରେ ଆରମ୍ଭ ହୋଇଥିବା ଜାତୀୟ ରୋଡ୍ ସାଇକେଲ ଚାଳନା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଦର୍ଶକମାନେ ବିଭିନ୍ନ ରାଜ୍ୟର ସାଇକେଲ ଚାଳକଙ୍କ ଦ୍ରୁତ ଚାଳନା ଦେଖିବା ସହ ସେମାନଙ୍କୁ ଉତ୍ସାହିତ କରୁଛନ୍ତି। ବିଭିନ୍ନ ବୟସ ବର୍ଗ ଓ ଇଭେଣ୍ଟରେ ପ୍ରତିଯୋଗିତା ହେଉଥିବାରୁ ଦର୍ଶକଙ୍କୁ ବେଶ୍ ଆନନ୍ଦ ଦେଉଛି। ପୁରୁଷ ଇଲାଇଟ ବର୍ଗରେ ପଞ୍ଜାବର ହର୍ଷବୀର ସିଂ ସେଖନ ସ୍ୱର୍ଣ୍ଣ, ଆର୍ଏସ୍‌ପିବିର ଭିସାବଜିତ ସିଂ ରୌପ୍ୟ ଓ ଏସ୍ଏସ୍‌ସିବିର ଦୀନେଶ କୁମାର ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଇଲାଇଟ ମହିଳା ବର୍ଗରେ ପଞ୍ଜାବର ଯଶମିର କୌର ସେଖନ ସ୍ୱର୍ଣ୍ଣ, ଆର୍ଏସ୍‌ପିବିର ମେଘା ଗୁଗଡ଼ ରୌପ୍ୟ ଓ ଏଆଇପିଏସ୍‌ସିବିର ମୋନିକା ଜାଟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୁରୁଷ ୨୩ ବର୍ଷରୁ କମ୍ ବ୍ୟକ୍ତିଗତ ବର୍ଗରେ ଦିଲ୍ଲୀର ଅକ୍ଷର ତ୍ୟାଗୀ ସ୍ୱର୍ଣ୍ଣ, ରାଜସ୍ଥାନର ଗୌରାଙ୍ଗ ସିଂ ଗୌର ରୌପ୍ୟ ଓ ଚଣ୍ଡୀଗଡ଼ର ଜୟ ଡୋଗ୍ରା ବ୍ରୋଞ୍ଜ, ମହିଳା ବର୍ଗରେ ରାଜସ୍ଥାନର ହର୍ଷିତ ଜାଖର ସ୍ୱର୍ଣ୍ଣ, ମହାରାଷ୍ଟ୍ରର ଜୁଇ ନରକର ରୌପ୍ୟ ଓ ରାଜସ୍ଥାନର ମଞ୍ଜୁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସବ୍‌ଜୁନିୟର ବାଳକ ବ୍ୟକ୍ତିଗତ ବର୍ଗରେ ରାଜସ୍ଥାନର ରାମବତାର ଚିପ୍ପା ସ୍ୱର୍ଣ୍ଣ, ରାଜସ୍ଥାନର ମହାବୀର ଶରଣ ରୌପ୍ୟ, ମଣିପୁରର ଜେସିସ ଥୋକଚାମ ବ୍ରୋଞ୍ଜ, ବାଳିକା ବର୍ଗରେ ରାଜସ୍ଥାନର ଅଞ୍ଜଳି ଜାଖର ସ୍ୱର୍ଣ୍ଣ, ରାଜସ୍ଥାନର ରୁଖମଣୀ ରୌପ୍ୟ ଓ ତାମିଲନାଡୁର ଥବିଥା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାକୁ ସଫଳ କରାଇବାକୁ ଜାତୀୟ ସାଇକ୍ଲିଂ ଆସୋସିଏଶନର ସମ୍ପାଦକ ମନୀନ୍ଦର ସିଂ ପାଲ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସଭାପତି ମିନତୀ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ରାଉତ ଓ ସମସ୍ତ ସଦସ୍ୟ ଅକ୍ଲାନ୍ତ ପରିଶ୍ରମ ଜାରି ରଖିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।





ସାଇକେଲ ଚାଳନାରେ କୃତୀ ପ୍ରତିଯୋଗୀ ।

# ଶ୍ରୀସେତୁ ତଳେ ହତ୍ୟାକାଣ୍ଡ ଘଟଣା, ଜଣେ ଗିରଫ

ପୁରୀ,୯।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀସେତୁ ତଳେ ହୋଇଥିବା ହତ୍ୟାକାଣ୍ଡ ଘଟଣାରେ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସିଦ୍ଧମହାବୀର ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ସୌମ୍ୟ ରଞ୍ଜନ ଆଚାର୍ଯ୍ୟ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ବିନା ନମ୍ବର ପ୍ଲେଟ୍ ନାଲି ରଙ୍ଗର ଇ ରିକ୍ସା, ୫ ଟି ଫ୍ଲେବର ବ୍ଲକ ଆଦି ଜବତ କରିଛି। ଏନେଇ ପୋଲିସ କେସ ନଂ ୫୨୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୩ ତାରିଖ ରାତିରେ ହତ୍ୟାକାଣ୍ଡର ଶିକାର ହୋଇଥିବା ସୁଦର୍ଶନ ସାହୁ ଦୋକାନ ବନ୍ଦ କରି ସାଙ୍ଗ ରାଜକିଶୋର ସାହୁ ଓ ଜଣେ ସାଙ୍ଗଙ୍କ ସହ ଶ୍ରୀ ସେତୁ ନିକଟକୁ ଯାଇଥିଲେ। ସେଠାରେ ମଦ ପିଉଥିବା ବେଳେ ସୌମ୍ୟରଞ୍ଜନ ତାଙ୍କ ଇ ରିକ୍ସା ଯୋଗେ ସେହି ବାଟ ଦେଇ ଯାଉଥିଲେ। ତେବେ ସେଠାରେ ସେ ସେମାନଙ୍କ ସହ ମିଶି ମଦ୍ୟପାନ କରିଥିଲେ। ପରେ କୌଣସି କଥାକୁ ନେଇ ସୁଦର୍ଶନ ସାହୁ ଓ ସୌମ୍ୟରଞ୍ଜନଙ୍କ ମଧ୍ୟରେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ସେଠାରେ ଥିବା ଫେବର ବ୍ଲକ ଆଣି ସୁଦର୍ଶନଙ୍କ ମୁଣ୍ଡରେ ପିଟି ହତ୍ୟା କରିଥିଲେ।

# 'ପ୍ରୟୋଗ' ପ୍ରଶିକ୍ଷଣ ଶିବିର

ଅସ୍ତରଙ୍ଗ,୯।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ମାଳଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ୩ଦିନ ଧରି ୫୦ ପ୍ରଶିକ୍ଷାର୍ଥୀ ଓ ୬ଜଣ ପ୍ରଶିକ୍ଷକଙ୍କୁ ନେଇ 'ପ୍ରୟୋଗ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଧାଂଶୁବାଳା ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଓ ଶିବିରାର୍ଥୀଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ତଥା ସାଧନ ସଂଯୋଜକ ଗଣେଶ ନାୟକ, ରବୀନ୍ଦ୍ର କୁମାର ପରିଡ଼ା, ଦୀପକ ନାୟକ, ଦୁର୍ଯ୍ୟୋଧନ ନାୟକ, ଶିବ ଚରଣ ଖଟୋଇ ପ୍ରମୁଖ ଉପସ୍ଥିତ ରହି ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଓ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ସମ୍ପର୍କରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଧାରରେ ୧୨ଟି ଅଧିବେଶନରେ ମାର୍ଗଦର୍ଶନ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଅସ୍ତରଙ୍ଗ,୯।୧୨(ମମତା ଜେନା)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସୌଜନ୍ୟରେ କାକଟପୁର ପଞ୍ଚାୟତ ସମିତି ଦ୍ୱାରା କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଡିଓ ବିଷ୍ଣୁ ଗୋବିନ୍ଦ, ସ୍ନେହାଶିଷ ସୁବୁଦ୍ଧି ଶିବିରକୁ ଉଦ୍‌ଘାଟନ କରିଥିଲେ। ସରକାର ଭିନ୍ନକ୍ଷମମାନେ ସକ୍ଷମଙ୍କ ସହିତ ସମପରିମାଣରେ ରାଜ୍ୟର ଅଭିବୃଦ୍ଧିରେ ଭାଗୀଦାରି ଥିବା କହିଛନ୍ତି। ଶିବିରରେ ୧୮ ଶାରୀରିକ ଅକ୍ଷମ, ୬୯ ଶ୍ରବଣବାଧିତ, ୩୩ ଦୃଷ୍ଟିଶକ୍ତି, ୫୯ ମାନସିକ ଓ ୨୨ଜଣ ସାଧାରଣ ବ୍ୟକ୍ତିଙ୍କୁ ପରୀକ୍ଷା କରାଯାଇ ପ୍ରମାଣପତ୍ର ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଲଳିତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଶିବିର ଶେଷ ହୋଇଥିଲା।

# ସ୍କୁଲ ପୋଷାକ ରଙ୍ଗ ଦ୍ୱନ୍ଦ୍ୱ, ଚିନ୍ତାରେ ଏସ୍ଏଚ୍‌ଜି

ଅସ୍ତରଙ୍ଗ,୯।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୁଣା ସରକାର ପ୍ରଚଳନ କରିଥିବା ସ୍କୁଲ ଡ୍ରେସଗୁଡ଼ିକର ରଙ୍ଗ ବଦଳିଯାଇଛି। ନୂଆ ସରକାରଙ୍କ ନୂଆ ନିଷ୍ପତ୍ତିକୁ ନେଇ ଚିନ୍ତାରେ ଏସ୍ଏଚ୍‌ଜି। ଅସ୍ତରଙ୍ଗ ବ୍ଲକରେ ପୂର୍ବପ୍ରସ୍ତୁତି ଅନୁଯାୟୀ ମହିଳା ଗ୍ରୁପ ଡ୍ରେସ ପ୍ରସ୍ତୁତ ଦାୟିତ୍ୱ ନେଇଥିଲେ। ପୂର୍ବ ଅର୍ଡର ଅନୁସାରେ ଲକ୍ଷାଧିକ ଟଙ୍କାର ସବୁଜ ରଙ୍ଗର ଡ୍ରେସ ତିଆରି କରିଛନ୍ତି। ସେଗୁଡ଼ିକ ବିକ୍ରି ହୋଇନାହିଁ। ଏପଟେ ଡ୍ରେସ ରଙ୍ଗ ବଦଳାଇବା ନିଷ୍ପତ୍ତି ନେଇଛନ୍ତି ସରକାର। ନୂଆ ନିୟମ ଲାଗୁ ହୋଇଛି, ଡ୍ରେସର ରଙ୍ଗ ବଦଳିଛି, କିନ୍ତୁ ପୂର୍ବରୁ ତିଆରି ହୋଇଥିବା ପୋଷାକ ଏସ୍ଏଚ୍‌ଜି ମହିଳା ଅସ୍ତରଙ୍ଗ ବ୍ଲକର ବିଦ୍ୟାଳୟଗୁଡ଼ିକୁ ଦେଇଛନ୍ତି। ଶିକ୍ଷକଙ୍କ କହିବାନୁଯାୟୀ ଡ୍ରେସ୍‌ର ରଙ୍ଗ ବଦଳିଛି, ତେଣୁ ପୁରୁଣା ରଙ୍ଗର ଡ୍ରେସ ଗ୍ରହଣ କରୁନାହାନ୍ତି। ପୂର୍ବରୁ ତିଆରି ହୋଇଥିବା ପୋଷାକ କ'ଣ ହେବ ବୋଲି ପ୍ରଶ୍ନ କରିଛନ୍ତି ଏସ୍ଏଚ୍‌ଜି ସଦସ୍ୟା। ତିଆରି ଡ୍ରେସକୁ ତୁରନ୍ତ ସରକାରଙ୍କ ତରଫରୁ କିଣାଯାଉ ବୋଲି ଦାବି ହୋଇଛି। କିଛି ରୋଜଗାର ଆଶାରେ ଘରର କାମଧନ୍ଦା ସାରି ସ୍କୁଲ ପିଲାଙ୍କ ପାଇଁ ପୋଷାକ ତିଆରି କରିଥିଲେ। ଏନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା କହିଛନ୍ତି, ଏ ଡ୍ରେସ ବିଷୟରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିବି। ଶିକ୍ଷାବର୍ଷ ଅଧାହେଲାଣି କିନ୍ତୁ ଅସ୍ତରଙ୍ଗ ବ୍ଲକର କୌଣସି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଡ୍ରେସ ଦିଆଯାଇ ନାହିଁ।

# ସ୍ୱାମୀଙ୍କ ଚିକିତ୍ସା ନିମନ୍ତେ ଆକୁଳ ନିବେଦନ

## ପାଉଁରୁଟି, ଚା ଗୋ ପାଇଁ ସ୍ୱପ୍ନ : ଧର୍ମପତ୍ନୀ

ସାକ୍ଷୀଗୋପାଳ,୯।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଦୀର୍ଘ ୧୨ବର୍ଷ ହେଲା ଡାକ୍ତରଖାନା ଦୌଡ଼ି ଦୌଡ଼ି ସବୁ ଟଙ୍କା ସରିଗଲାଣି। ଯାହା ଜମିବାଡ଼ି ଥିଲା ବନ୍ଧା ପଡ଼ିଛି। ଯାହା କିଛି ଅର୍ଥ ଆସୁଛି ସବୁ ଔଷଧ କିଣାରେ ଯାଉଛି। ସ୍ୱାମୀଙ୍କ ଚିକିତ୍ସା ପାଇଁ ଆକୁଳ ନିବେଦନ କରିଛନ୍ତି ସତ୍ୟବାଦୀ ଅଞ୍ଚଳ ବଳପୁର ପଞ୍ଚାୟତର ଶ୍ରୀନିବାସ ପଣ୍ଡାଙ୍କ ସହଧର୍ମିଣୀ ସୁଭାଷିନୀ ପଣ୍ଡା।

ଶ୍ରୀନିବାସ ଖବରକାଗଜ ବିତରକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା। ୧୨ ବର୍ଷ ହେବ ସେ ଅସୁସ୍ଥ ଥିଲେ ମଧ୍ୟ ୨ବର୍ଷ ହେବ ଅଧିକ ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପରେ ସେ ହୃଦ୍‌ରୋଗରେ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ଅର୍ଥ ଅଭାବରୁ ସେ ଠିକ୍ ଭାବେ ଚିକିତ୍ସିତ ହୋଇପାରୁ ନ ଥିଲେ। ନିକଟରେ ସେ ଗୁରୁତର ହେବାରୁ ପରିବାର ଲୋକେ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ତାଙ୍କର ହାର୍ଟରେ ତ୍ରୁଟିଥିବା ଡାକ୍ତରୀ ଟିମ୍ କହିଥିଲେ। ଚିକିତ୍ସା କରିବା ଓ ଅପରେଶନ ନିମନ୍ତେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆବଶ୍ୟକ ରହିଛି। ଏତେ ଗୁଡ଼େ ଟଙ୍କା ତାଙ୍କ ପକ୍ଷେ ଓ ତାଙ୍କ ପରିବାର ପକ୍ଷରୁ ଯୋଗାଡ଼ କରିବା ଆଦୌ ସମ୍ଭବ ନୁହେଁ । ଯଦି ସରକାର, ସହୃଦୟ ବ୍ୟକ୍ତି କିମ୍ବା କୌଣସି ଅନୁଷ୍ଠାନ ତାଙ୍କୁ ସହଯୋଗର ହାତ ବଢ଼ାଇଲେ ତାଙ୍କ ସ୍ୱାମୀ ଶ୍ରୀନିବାସଙ୍କୁ ବଞ୍ଚାଇପାରିବେ ବୋଲି ସ୍ତ୍ରୀ ସୁଭାଷିନୀ ପଣ୍ଡା ନିବେଦନ କରିଛନ୍ତି।



ଅସୁସ୍ଥ ଶ୍ରୀନିବାସ ପଣ୍ଡା

# ନିଖିଳ ଉତ୍କଳ ପାଟରା ସମିତିର ସାଧାରଣ ଅଧିବେଶନ ଉଦ୍‌ଯାପିତ

ପୁରୀ,୯।୧୨( ଅଜିତ୍ କୁମାର ମହାନ୍ତି)

୩ଦିନ ଧରି ଚାଲିଥିବା ନିଖିଳ ଉତ୍କଳ ପାଟରା ସମିତିର ୨୧୬ତମ ସାଧାରଣ ଅଧିବେଶନ ଉଦ୍‌ଯାପିତ ହୋଇଛି। ଏହି ଅଧିବେଶନକୁ ନିଖିଳ ଉତ୍କଳ ପାଟରା ସମିତି ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗ ଦେଇଥିଲେ। ପାତ୍ର ପାଟରା ପରିବାରର ହୋଇଥିବାରୁ ତାଙ୍କୁ ସମିତି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏମ୍‌ପି ପାତ୍ର କହିଛନ୍ତି, ପାଟରା ପରିବାରରେ ଜନ୍ମଲାଭ କରି ମୁଁ ନିଜକୁ ଧନ୍ୟ ମନେକରୁଛି। ସମସ୍ତଙ୍କ ସହିତ ରହି ସମସ୍ତଙ୍କ ବିକାଶ ପାଇଁ ସେ କାମ କରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଡ. ରୁଦ୍ରନାରାୟଣ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ଶ୍ରୀନାଥ ଖୁଣ୍ଟିଆ, ସାଧାରଣ ସମ୍ପାଦକ ରବି ନାରାୟଣ ସେନାପତି, ଉପସଭାପତି ସଞ୍ଜୟ ପାତ୍ର, ଆଲୋକ ସାହୁ,ନୀହାର ରଞ୍ଜନ ସାହୁ, ବଲ୍ଲଭ ଚନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ପାତ୍ର, ସମ୍ପାଦକ ଭାବରେ ମାୟାଧର ଦଲାଲ, ଭୁବନାନନ୍ଦ ମହାନ୍ତି, ସୌଭାଗ୍ୟ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରେମାନନ୍ଦ ସୁବୁଦ୍ଧି, କୋଷାଧ୍ୟକ୍ଷ ଭାବେ ଶରତ ଚନ୍ଦ୍ର ପାତ୍ର, ସମୀକ୍ଷକ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଧରଣୀଧର ବେହେରା କୁଳଦେବତା ଶ୍ରୀବଳଦେବ ଜୀଉଙ୍କ ନାମରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶପଥ ପାଠ କାର୍ଯ୍ୟକ୍ରମକୁ ଦ୍ୱିତୀୟ ମୁନୀବ ଅଜୟ କୁମାର ଚୌଧୁରୀ, ତୃତୀୟ ମୁନୀବ ଶେଷଦେବ ବେହେରା ଓ ଅଧିକାରୀଙ୍କ ପ୍ରତିନିଧି ଶିବ ପ୍ରସାଦ ସାହୁ ସଞ୍ଚାଳନ କରିଥିଲେ। ଏହି ସାଧାରଣ ଅଧିବେଶନ ଓ ଶପଥ ପାଠ ଉତ୍ସବରେ ରାଜ୍ୟର ୧୪ଟି ଜିଲାରୁ ୭୦୦ ପ୍ରତିନିଧି ଯୋଗ ଦେଇଥିଲେ। ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ମନୋନୀତ ହୋଇଥିବା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ନୂତନ ସାଧାରଣ ସମ୍ପାଦକ ସେନାପତି ଧନ୍ୟବାଦ ଦେଇଥିଲେ।





ସାଧାରଣ ଅଧିବେଶନରେ ଅତିଥି ଓ ଅନ୍ୟମାନେ ।

# ଓଡ଼ିଆ ଘରର ସଂସ୍କୃତି ପରମ୍ପରା ବଞ୍ଚାଇବା ମୂଳଲକ୍ଷ୍ୟ

## ଏରବଙ୍ଗ ହାଇସ୍କୁଲ ପୁରାତନ ଛାତ୍ର ପରିଷଦର ବାର୍ଷିକୋତ୍ସବ

ଗୋପ,୯।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଧୀରେ ଧୀରେ ଓଡ଼ିଆ ଘରର ସଂସ୍କୃତି ପରମ୍ପରା ହଜି ଯାଉଛି। ଏହାର ସୁରକ୍ଷା ପାଇଁ ଆମକୁ ଏବେଠାରୁ ଗୁରୁତ୍ୱ ଦେବାକୁ ପଡ଼ିବ। ଗୋପ ବ୍ଲକ ଅଧୀନ ଏରବଙ୍ଗ ନୋଡାଲ ହାଇସ୍କୁଲର ପୁରାତନ ଛାତ୍ର ପରିଷଦ ପକ୍ଷରୁ ୬ଷ୍ଠ ବାର୍ଷିକୋତ୍ସବ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ସ୍ୱରୂପ ଓଡ଼ିଆ ଘରର ପିଠାପଣା, ଝୋଟି, ନୃତ୍ୟ, ସଙ୍ଗୀତ, ଚିତ୍ରକଳା, କୁଇଜ୍ ସହିତ ଅନ୍ୟାନ୍ୟ ହଜି ଯାଉଥିବା ପରମ୍ପରା, ସଂସ୍କୃତି ପ୍ରତି ଗୁରୁତ୍ୱ ଦିଆଯାଇ ପ୍ରଦର୍ଶିତ କରାଯାଇଥିଲା। ପୁରାତନ ଛାତ୍ର ପରିଷଦ ସଭାପତି ଗଣେଶ ପ୍ରଧାନ ପତାକା ଉତ୍ତୋଳନ କରିବା ପରେ ଉତ୍କଳମଣି ଗୋପବନ୍ଧୁ ଦାସ, ସ୍କୁଲ ପ୍ରତିଷ୍ଠାତା ସୋମନାଥ ମହାନ୍ତି, ଲୋକନାଥ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ହରକିଶୋର ସ୍ୱାଇଁ, ନବକିଶୋର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇଥିଲା। ଗତ ୧୦ମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କ ସହିତ କ୍ରୀଡ଼ା, ବିଜ୍ଞାନ, ରଚନା, ଚିତ୍ରାଙ୍କନ ସହ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରମ୍ପରା, ସଂସ୍କୃତି ଉପରେ ଉତ୍ତମ ପ୍ରଦର୍ଶିତ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରିଷଦର ଉପଦେଷ୍ଟା ଦିଲୀପ ଦଳାଇ, କୈଳାସ ଚନ୍ଦ୍ର ସାହୁ, ପ୍ୟାରୀମୋହନ ଜେନା, ପ୍ରଦୀପ୍ତ ମହାନ୍ତି, ଶିବାନୀ ମହାନ୍ତି, ସୁଦୀପ୍ତ ସ୍ୱାଇଁ, ପ୍ରଣତି ମିଶ୍ର, ରୋଜାଲିନ ସେଠୀ, କାର୍ତ୍ତିକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ପୁରାତନ ଛାତ୍ର ପରିଷଦର ସଦସ୍ୟମାନେ ।

**ସଂକ୍ଷେପରେ**

## ଆଜି ରାଜଧାନୀରେ ଶିକ୍ଷକ ସମାବେଶ

**ଭୁବନେଶ୍ୱର,୯।୧୨(ଶୁଚିସ୍ମିତା ସାହୁ)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମଙ୍ଗଳବାର ରାଜଧାନୀରେ ବଡ଼ଧରଣର ଶିକ୍ଷକ ସମାବେଶ ଅନୁଷ୍ଠିତ ହେବ। ବିଭିନ୍ନ ସମସ୍ୟା ଓ ଦାବି ନେଇ ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀ ଏଥିରେ ସାମିଲ ହେବେ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ସୋମବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ସହ ଚାକିରି ସର୍ତ୍ତାବଳୀ ପ୍ରଦାନ ଆଦି କ୍ଷେତ୍ରରେ ସରକାର ଅହେତୁକ ବିଳମ୍ବ କରୁଥିବା ପ୍ରତିବାଦରେ ଏହି ସମାବେଶ ହେବ। ସେହିପରି ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଚାକିରି ସର୍ତ୍ତାବଳୀ ସହିତ ପେନ୍‌ସନ୍ ପ୍ରଦାନ କରିବା, ବଞ୍ଚିତ ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସ୍‌ନାଲ ଇନ୍‌କ୍ରିମେଣ୍ଟ ଦେବା, ୨୦୦୪ରୁ ଏଯାବତ ଅବସର ନେଉଥିବା ଶିକ୍ଷକ କର୍ମଚାରୀଙ୍କୁ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରିବା ଭଳି ବିଭିନ୍ନ ଦାବି ସରକାରଙ୍କ ନିକଟରେ ରଖିବେ। ଏହି ଅବସରରେ ଏକ ଶୋଭାଯାତ୍ରା କଂଗ୍ରେସଭବନରୁ ବାହାରି ବିଧାନସଭା ସମ୍ମୁଖ ତଥା ଲୋୟର୍ ପିଏମ୍‌ଜିସ୍ଥିତ ସମାବେଶସ୍ଥଳକୁ ଯିବ। ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ବାହାର କରିବା ପାଇଁ ସଭାପତି ସୁକାନ୍ତ କୁମାର ବେହେରା ଓ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ହାତୀ, ଜନଜୀବନ ସୁରକ୍ଷା ନେଇ ଆଲୋଚନା

**ବାରଙ୍ଗ,୯।୧୨(ଲିଙ୍ଗରାଜ ରାଉତ)**

ଚନ୍ଦକା ଅଭୟାରଣ୍ୟର ହାତୀ ଓ ଜନଜୀବନ ସୁରକ୍ଷା ପ୍ରସଙ୍ଗରେ ଅଭୟାରଣ୍ୟ ସଭାଗୃହରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ଅଭୟାରଣ୍ୟ ପରିସରରୁ ହାତୀପଲ ବାହାରି ଜଙ୍ଗଲ ସନ୍ନିକଟ ଗ୍ରାମଗୁଡ଼ିକରେ ଫସଲ ନଷ୍ଟ କରିବା ସହ ସାଧାରଣ ଜନତାଙ୍କ ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଜଙ୍ଗଲ କ୍ଷୟ ଯୋଗୁ ହାତୀମାନେ ଜନବସତିମୁହାଁ ହେବାରେ ରୋକ ଲଗାଇବା, ଫସଲ ହାନିଜନିତ କ୍ଷତିପୂରଣ ରାଶି ବୃଦ୍ଧି, ହାତୀ ଦ୍ୱାରା ହେଉଥିବା ମୃତ୍ୟୁଜନିତ ରାଶି ବୃଦ୍ଧି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ହାତୀପଲ ଅଭୟାରଣ୍ୟ ପରିସରରୁ କେଉଁ କାରଣରୁ ବାହାରି ଫସଲ ନଷ୍ଟ କରୁଛନ୍ତି ତାହା ମଧ୍ୟ ଆଲୋଚନାର ବିଷୟ ହୋଇଥିଲା। ବୈଠକରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଡିଏଫ୍‌ଓ ଶରତ ଚନ୍ଦ୍ର ବେହେରା, ଏସିଏଫ୍ ସଂଗ୍ରାମ କେଶରୀ ମହାନ୍ତି, ରେଞ୍ଜର ଉତ୍ତମ କୁମାର ସାହୁଙ୍କ ସମେତ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଲୋକପ୍ରତିନିଧି, ମୁରବିମାନେ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ।

# ୧ ଲିଟର କେମିକାଲରେ ୫୦୦ ଲିଟର କ୍ଷୀର

**ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)**

**ନକଲି କ୍ଷୀର ନେଇ ସତର୍କ କଲା ଓମ୍‌ଫେଡ୍**

ବଜାରରେ ମିଳୁଥିବା କେତେକ କ୍ଷୀରରେ ଅପମିଶ୍ରଣ ହେଉଛି। ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ କେମିକାଲ ବ୍ୟବହାର କରି ନକଲି କ୍ଷୀର ତିଆରି କରାଯାଉଛି। ଏନେଇ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସମବାୟ ସଂସ୍ଥା 'ଓମ୍‌ଫେଡ୍' ଗ୍ରାହକଙ୍କୁ ସତର୍କ କରିବା ସହ ସଚେତନ କରିଛି। ଏକ ଲିଟର କେମିକାଲରେ ପ୍ରାୟ ୫୦୦ ଲିଟର କ୍ଷୀର ପ୍ରସ୍ତୁତ କରାଯାଉଥିବାବେଳେ ଏଥିରେ ଏକ୍ସପାଏରଡ୍ ସାକାରିନ୍ ବ୍ୟବହାର କରାଯାଉଛି। କ୍ଷୀର ପରି ବାସ୍ନା ଏବଂ କ୍ଷୀରର ସ୍ୱାଦ ରହିଥିଲେ ମଧ୍ୟ ତାହା ଯେ କୌଣସି ପଶୁର କ୍ଷୀର ନୁହେଁ, ଏକଥା ପ୍ରାମାଣିତ ହୋଇଥିବା ଓମଫେଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଉକ୍ତ ନକଲି କ୍ଷୀରରେ ପାଉଡର ମିଶାଇ ପନିର ମଧ୍ୟ ପ୍ରସ୍ତୁତ କରାଯାଉଛି । ଏହି ଘଟଣା ଲୋକ ଲୋଚନକୁ ଆସିବା ପରେ ସମଗ୍ର ଦେଶରେ ଏବେ ଆଲୋଡ଼ନ ସୃଷ୍ଟି ହୋଇଛି। ଏପରି ଅପମିଶ୍ରଣ କରି ଅନେକ ଘରୋଇ କମ୍ପାନୀ କ୍ଷୀର, ଦହି, ପନିର ଆଦି ଦୁଗ୍ଧ ଜାତୀୟ ପଦାର୍ଥ ବଜାରରେ ବିକ୍ରି କରୁଥିବା ଖବର ଜାତୀୟ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ସାଧାରଣ ଲୋକେ ଚିନ୍ତାରେ ପଡ଼ିଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧ ଚାଷୀଙ୍କର ଭାଗ୍ୟ ଓ ଭବିଷ୍ୟତ ଓମ୍‌ଫେଡ୍ ସହ ଜଡ଼ିତ ରହିଛି। ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ ହେବା ପରେ ଏଥିରେ କୌଣସି ଅପମିଶ୍ରଣ ହେବାର ସୁଯୋଗ ନାହିଁ ବୋଲି ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଓମ୍‌ଫେଡ୍ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଦୁଗ୍ଧର ପ୍ରକ୍ରିୟାକରଣ କରୁଛି । ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଗୁଆଘିଅ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଭୋଗ ହେଉଛି । ଓମ୍‌ଫେଡ୍ ଦୁଗ୍ଧ ଜାତ ଉତ୍ପାଦର ଶୁଦ୍ଧତା, ସ୍ୱଚ୍ଛତା ଓ ଗୁଣବତ୍ତା ଉପରେ ଗୁରୁତ୍ୱାରୋପ କରିଆସୁଛି। ଓମ୍‌ଫେଡ୍ ଉତ୍ପାଦର ଗୁଣାତ୍ମକମାନରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି କୁଲାଙ୍ଗେ କହିଛନ୍ତି । ଏଣୁ ଖାଉଟିମାନେ ଓମ୍‌ଫେଡ୍ ଉତ୍ପାଦ ନିସନ୍ଦେହରେ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି ।




ଆସନ୍ତା ଜାନୁଆରୀ ୮ରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆରମ୍ଭ ହେବାକୁ ଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ସୋମବାର ପ୍ରଶାସନ ପକ୍ଷରୁ ଭୂମିପୂଜନ କରାଯାଉଛି।

## ଆନ୍ଦୋଳନକୁ ଓହ୍ଲାଇବ ୪୮ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘ

**ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)**

ଚାକିରି ସର୍ତ୍ତାବଳୀ, ପଦୋନ୍ନତି ତଥା ପେନସନ ଭଳି ବିଭିନ୍ନ ଦାବି ପୂରଣ ପାଇଁ ଯଦି ସରକାର ଶୀଘ୍ର କୌଣସି ପଦକ୍ଷେପ ନ ନିଅନ୍ତି ତା'ହେଲେ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ୪୮ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ଏନେଇ ସଂଘ ସଭାପତି ମାନସ ପୁରୋହିତଙ୍କ ସଭାପତିତ୍ୱରେ ସୋମବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ସଂଘର ସାଧାରଣ ସମ୍ପାଦକ ସୁଶୀଳ ଚନ୍ଦ୍ର ପ୍ରଧାନ କହିଛନ୍ତି, ବ୍ଲକଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ୨୫ରୁ ୩୦ ବର୍ଷ କାର୍ଯ୍ୟ କଳାପରେ ମଧ୍ୟ ସରକାର ସେମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ପୂରଣ, ପଦୋନ୍ନତି ତଥା ପେନ୍‌ସନ୍ ବ୍ୟବସ୍ଥା କରିନାହାନ୍ତି। ଫଳରେ ସେମାନଙ୍କ ଜୀବନ ଅତ୍ୟନ୍ତ ଦୁର୍ବିସହ ହୋଇପଡୁଛି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି। ପୁରୁଣା ପେନ୍‌ସନ ଲାଗୁ କରିବା, ଭବିଷ୍ୟନିଧି ଖାତା ଖୋଲିବା, ନିଯୁକ୍ତି ଭିତ୍ତିକ ଥଇଥାନ ବ୍ୟବସ୍ଥା କରିବା, ନିଯୁକ୍ତି ତାରିଖ ବିଚାରକୁ ନେଇ ପ୍ରତ୍ୟକ୍ଷ ଅନୁଦାନ ପ୍ରଦାନ କରିବା ପାଇଁ ସରକାରଙ୍କୁ ଦାବି ଉପସ୍ଥାପନ କରାଯାଇଥିବା ସୁଶୀଳ କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘ ଉପଦେଷ୍ଟା ରାଧାଶ୍ୟାମ ପଲେଇ, ଉପସଭାପତି ସଞ୍ଜିତ ଭୂୟାଁ ଓ ଡ. ସୁବିଞ୍ଜି ଗଡତ୍ୟା, ସାଧାରଣ ସମ୍ପାଦକ ସୁଶୀଳ ଚନ୍ଦ୍ର ପ୍ରଧାନ, ସଂଗଠନ ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ସତ୍ୟ ପରିଡା, କାର୍ଯ୍ୟକାରିଣୀର ସଭ୍ୟ ବିକ୍ରମ ପାତ୍ର, ଆଲୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୌରାଙ୍ଗ



@ ଦେବାଶିଷ



@ ରଶ୍ମିରଞ୍ଜନ



@ ସାଗରିକା



@ କ୍ଷୀରଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମଧ୍ୟସ୍ଥ ଦେବଦତ୍ତଙ୍କ ଅଫିସ ସିଲ୍ କଲା ସିବିଆଇ

**ଭୁବନେଶ୍ୱର,୯।୧୨(ସତ୍ୟଜିତ୍ ରାଉତ)**

**ଦାମୀ କାରରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣା**

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ ସିବିଆଇ ୩ ଅଭିଯୁକ୍ତଙ୍କୁ ରବିବାରଠାରୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ସେମାନେ ହେଲେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ 'ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିଃ'ର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀ, 'ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃ'ର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ର। ତେବେ ଏହି କାରବାରରେ ଦେବଦତ୍ତଙ୍କ ଭୂମିକା ଅଧିକ ରହିଥିବା ସିବିଆଇ ଜାଣିବାକୁ ପାଇଛି। ସୋମବାର ପାହାଳସ୍ଥିତ ଏକ ବହୁତଳ ପ୍ରାସାଦରେ ଥିବା ଦେବଦତ୍ତଙ୍କ 'ଆଦିତ୍ୟ ଦେବ ଇନ୍‌ଫ୍ରାଟେକ୍ ପ୍ରାଇଭେଟ୍ ଲିଃ'ର ଅଫିସକୁ ସିବିଆଇ ପକ୍ଷରୁ ସିଲ୍ କରାଯାଇଛି। ସିବିଆଇ ଟିମ୍ ସେଠାରେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାଞ୍ଚ କରି ଛାନ୍‌ଭିନ୍ କରିବା ସହ ବହୁ ଆପତ୍ତିଜନକ ଦସ୍ତାବିଜ୍ ମଧ୍ୟ ଜବତ କରିଥିବା ସୂଚନା ମିଳିଛି। ତେବେ ରିମାଣ୍ଡ ଅବଧିର ଦ୍ୱିତୀୟ ଦିନରେ ସମସ୍ତ ଅଭିଯୁକ୍ତଙ୍କୁ ସବିଆଇ ମୁହାଁମୁହିଁ ଜେରା କରି ବହୁ ତଥ୍ୟ ହାସଲ କରିଛନ୍ତି। ବୁଧବାର ରିମାଣ୍ଡ ଅବଧି ସରୁଥିବାବେଳେ ସିବିଆଇ ଅଧିକାରୀମାନେ ଅଭିଯୁକ୍ତଙ୍କଠାରୁ ଅଧିକ କିଛି ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ସନ୍ତୋଷ ଶୁକ୍ରବାର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀଙ୍କୁ ଭୁବନେଶ୍ୱରସ୍ଥିତ ଅଫିସରେ ଭେଟିଥିଲେ। ଜିଜିଏମ୍ ସେଠାରେ ତାଙ୍କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଲାଞ୍ଚ ଟଙ୍କାକୁ ଠିକାସଂସ୍ଥାର ଭବିଷ୍ୟତ ବିଲ୍‌ରେ ଆଡ୍‌ଜଷ୍ଟ କରିଦେବେ ବୋଲି ଜିଜିଏମ୍ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦେବଦତ୍ତଙ୍କ ଜରିଆରେ ଏହି ଟଙ୍କା ନେବା ପାଇଁ ଯୋଜନା ହୋଇଥିଲା। ଶନିବାର ରାତିରେ ସ୍ଥାନୀୟ ଏକ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ମର୍ସିଡିଜ୍ କାର୍‌ରେ ଟଙ୍କା ରଖି ଲାଞ୍ଚ କାରବାର ପାଇଁ ଡିଲ୍ ହେଉଥିବାବେଳେ ସିବିଆଇ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ସର୍ବଭାରତୀୟ ହକି ଚାମ୍ପିୟନଶିପକୁ ଶୃଙ୍ଖଳିତ ଆୟୋଜନ ପାଇଁ ଓଡ଼ିଶା ପୋଲିସର ପ୍ରସ୍ତୁତି

**ଭୁବନେଶ୍ୱର,୯।୧୨(ସୂର୍ଯ୍ୟକାନ୍ତ ବେହେରା)**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତା ମାର୍ଚ୍ଚରେ ୭୩ତମ ସର୍ବ ଭାରତୀୟ ହକି ଚାମ୍ପିୟନଶିପ - ୨୦୨୫ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପରେ ଦେଶର ୨୭ଟି ପୁରୁଷ ଏବଂ ୧୦ଟି ମହିଳା ଟିମ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏହାସହ ବହୁ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ସମେତ ଭିଭିଆଇପି ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ଯୋଗଦେବେ। ଉକ୍ତ ଚାମ୍ପିୟନଶିପକୁ ଶୃଙ୍ଖଳିତ, ସୁପରିଚାଳନା ସମେତ ବ୍ୟାପକ ବନ୍ଦୋବସ୍ତର ଆୟୋଜନ ସଂକ୍ରାନ୍ତରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ସୋମବାର ଡିଜିପି ଖୁରାନିଆଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକରେ ଖେଳାଳିଙ୍କ ରହିବା ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ, ଉଦ୍‌ଘାଟନ ଓ ଉଦଯାପନୀ ସମାରୋହକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନେଇ ଆଲୋଚନା ହୋଇଥିଲା। ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରିପୁଟ ଓ କିଟ୍ କ୍ୟାମ୍ପସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଖେଳାଳିଙ୍କୁ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଏସ୍. କେ. ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସ୍‌ସିଆର୍‌ବି ଏବଂ ଏସ୍‌ଏଫ୍‌ଏସ୍‌ଏଲ୍) ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡିଆଇଜିପି(ଅପରେଶନ) ଅଖିଳେଶ୍ୱର ସିଂ, ଡିଆଇଜିପି (ଏସଆଇଡବ୍ଲ୍ୟୁ) କନ୍‌ୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

## ଦିଲ୍ଲୀ ଗସ୍ତରେ ଓଡ଼ିଶା ପଞ୍ଚାୟତ ପ୍ରତିନିଧିଦଳ

**ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)**

ଜାତୀୟ ପଞ୍ଚାୟତ ପୁରସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାରୁ ୨୪ଜଣ ପଞ୍ଚାୟତ ପ୍ରତିନିଧିଦଳ ଦିଲ୍ଲୀ ଗସ୍ତ କରିଛନ୍ତି। ପଞ୍ଚାୟତସ୍ତରରେ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ କରିଥିବା ନିର୍ମାଣ କ୍ଷେତ୍ରରେ ଆଗୁଆ, ମହିଳା ଓ ଶିଶୁ ବିକାଶକୁ ଅଗ୍ରାଧିକାର, ସ୍ୱଚ୍ଛ ଓ ସୁନ୍ଦର ପାଇଁ କାର୍ଯ୍ୟ କରିଥିବା ଦେଶର ପ୍ରମୁଖ ପଞ୍ଚାୟତର ପ୍ରତିନିଧିମାନଙ୍କୁ ଆସନ୍ତା ୧୧ତାରିଖରେ ଦିଲ୍ଲୀ ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିବା ସହ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର କୋରାପୁଟ ଜିଲାପରିଷଦ ଅଧ୍ୟକ୍ଷା ସସ୍ମିତା ମଲିକ, ବୌଦ୍ଧ ଜିଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଖୋର୍ଦ୍ଧା ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଛତ୍ରପୁର ବ୍ଲକ ଅଧ୍ୟକ୍ଷ କିରନ କୁମାର ଦାସ, ମାଲକାନଗିରିର ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାରଙ୍କ ସହ ବିଭିନ୍ନ ଜିଲାରୁ ୨୦ଜଣ ସରପଞ୍ଚ ଯୋଗଦେବା ପାଇଁ ଭୁବନେଶ୍ୱର ରେଳ ଷ୍ଟେଶନରୁ ରାଜଧାନୀ ଏକ୍ସପ୍ରେସରେ ଯାତ୍ରା କରିଛନ୍ତି। ପଞ୍ଚାୟତ ପ୍ରତିନିଧିଦଳଙ୍କ ସହ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା ଏବଂ ୩୦ ଜଣ ପଞ୍ଚାୟତ ସଂଲଗ୍ନ କାର୍ଯ୍ୟ କରୁଥିବା ଅଧିକାରୀମାନେ ଯୋଗଦେବା ନିମନ୍ତେ ଯାତ୍ରା କରିଛନ୍ତି।

# ସିଟି କଲେଜରେ ଛାତ୍ର ଗଣ୍ଡଗୋଳ

**ଥାନାରେ ଅଣ୍ଡରଟେକିଂ ଲେଖି ଛାଡ଼ିଲା ପୋଲିସ**

**କଟକ,୯।୧୨ (କାର୍ତ୍ତିକ ସାହୁ)**

ଅଶାନ୍ତ ହୋଇପଡ଼ିଛି ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ। ପାଠ ପଢ଼ା ଛାଡ଼ି ଛାତ୍ରମାନେ ଗଣ୍ଡଗୋଳରେ ବ୍ୟସ୍ତ। କଲେଜ ପରିସରରେ ହେଉଛି ଗୋଷ୍ଠିକୈନ୍ଦ୍ରିକ ଆକ୍ରମଣ। ଏଭଳି ଏକ ଛାତ୍ର ଗଣ୍ଡଗୋଳ ରାଜାବଗିଚାସ୍ଥିତ ନେତାଜୀ ମେମୋରିଆଲ ସିଟି କଲେଜ ପରିସରରେ ସୋମବାର ଅପରାହ୍ନରେ ଘଟିଥିଲା। କମେଣ୍ଟମରାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ଛାତ୍ର ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବାଦାମବାଡ଼ି ଥାନା ପୋଲିସ ଏହି ଘଟଣାରେ ଆପୋଷ ସମାଧାନ କରିଥିବା ଜଣାଯାଇଛି।



ସିଟି କଲେଜ ପରିସରରେ ହୋଇଥିବା ଗଣ୍ଡଗୋଳ ସମୟର ଦୃଶ୍ୟ।

ସୂଚନାନୁସାରେ, ସିଟି କଲେଜର ଛାତ୍ରମାନେ କଲେଜ ପରିସରରେ ଖେଳୁଥିବାବେଳେ ଜଣେ ଛାତ୍ର ଅନ୍ୟ ଜଣଙ୍କୁ କମେଣ୍ଟ ମାରିଥିଲେ। ଯୁକ୍ତ ୨ ଶ୍ରେଣୀର ଛାତ୍ର ଓ ଯୁକ୍ତ ତିନି ଶ୍ରେଣୀର ଛାତ୍ର ଦୁଇ ଗୋଷ୍ଠୀ ହୋଇ ପରସ୍ପର ସହ ଯୁକ୍ତିତର୍କ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ସେମାନେ ପରସ୍ପରକୁ ହାତାହାତି ହେବା ଭଳି ଘଟଣା ଘଟିଥିଲା। ପରସ୍ପର ସହ ଧସ୍ତାଧସ୍ତି ହୋଇଥିଲେ। ଘଟଣା ସେତିକିରେ ଅଟକି ନ ଥିଲା। ଦୁଇ ଛାତ୍ର ଗୋଷ୍ଠୀ କଲେଜ ପରିସରରେ ପରସ୍ପରକୁ ଗୋଡ଼ାଇ ଆକ୍ରମଣ କରିଥିଲେ। ଜଣେ ଛାତ୍ର କ୍ରିକେଟ ବ୍ୟାଟ୍ ଉଠାଇ ବାଡ଼େଇବାକୁ ଆଗେଇ ଆସିଥିଲେ। ଫଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଏଥିରେ କେତେକ ଛାତ୍ର ସାମାନ୍ୟ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏ ନେଇ ଖବର ପାଇବା ପରେ ବାଦାମବାଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ବାଦାମବାଡ଼ି ଥାନା ଆଇଆଇସି ଅଜୟ ରାଉଳଙ୍କ କହିବାନୁସାରେ, ଯୁକ୍ତ ୨ ଏବଂ ଯୁକ୍ତ ୩ ଶ୍ରେଣୀର ଛାତ୍ରମାନେ କମେଣ୍ଟ ମରାକୁ କେନ୍ଦ୍ର କରି ପରସ୍ପର ମଧ୍ୟରେ ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ପୋଲିସ ଉକ୍ତ କଲେଜକୁ ଯାଇ ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଦୁଇ ଛାତ୍ର ଗୋଷ୍ଠୀଙ୍କୁ ଥାନାକୁ ଡାକି ଭବିଷ୍ୟତରେ ଏପରି ନ କରିବା ପାଇଁ ତାଗିଦା କରାଯାଇଛି। ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ଆଇଆଇସି କହିଛନ୍ତି।

